ତୃତୀୟ ବର୍ଷ ● ଚତୁର୍ଥ ସଂଖ୍ୟା
ମଇ-ଜୁନ୍, ୨୦୧୮



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)









ବେଦ ପ୍ରଚାର ସମିତି, ବ୍ରହ୍ମପୁର ପକ୍ଷରୁ ଗୋସାଇଁ ନୂଆଗାଁସ୍ଥିତ
ସରସ୍ୱତୀ ବିଦ୍ୟାମନ୍ଦିରରେ ବେଦ ପ୍ରବଚନ

ओ३म्

वैदिक विचारधारा को विश्वभर में गुंजायमान करने के संकल्प के साथ

## सार्वदेशिक आर्य प्रतिनिधि सभा एवं
## दिल्ली आर्य प्रतिनिधि सभा के तत्त्वावधान में

भारत की राजधानी दिल्ली में विश्वभर के आर्यों का महाकुंभ

अन्तर्राष्ट्रीय आर्य महासम्मेलन
25 से 28 अक्टूबर 2018
दिल्ली
कृण्वन्तो विश्वमार्यम्



महर्षि दयानन्द सरस्वती जी

अन्तर्राष्ट्रीय आर्य महासम्मेलन
25 से 28 अक्टूबर 2018
दिल्ली
कृण्वन्तो विश्वमार्यम्

# अन्तर्राष्ट्रीय आर्य महासम्मेलन 2018

## दिल्ली (भारत)

**25 से 28 अक्टूबर 2018**

तदनुसार कार्तिक कृष्ण १, २, ३, ४ विक्रमी संवत् २०७५

-: सम्मेलन स्थल :-

## स्वर्ण जयंती पार्क, रोहिणी, सैक्टर-10, दिल्ली, भारत

महासम्मेलन में आप सभी इष्ट मित्रों व परिवार सहित सादर आमंत्रित हैं।
संगठनात्मक एकता हेतु लाखों की संख्या में पधारकर कार्यक्रम को सफल बनायें।

सुंदर व्यवस्था हेतु सम्मेलन में आने से पूर्व महासम्मेलन कार्यालय में अपना पंजीकरण अवश्य करा लें।
पंजीकरण वैबसाईट पर भी किया जा सकता है। आगंतुक महानुभावों के आवास एवं भोजन की व्यवस्था आयोजकों की ओर से की जाएगी।

अपील :- महासम्मेलन की सफलता हेतु " दिल्ली आर्य प्रतिनिधि सभा- महासम्मेलन - 2018" के नाम से क्रास चैक / ड्राफ्ट सम्मेलन कार्यालय के पते पर भेजने की कृपा करें।

महासम्मेलन हेतु दिल्ली आर्य प्रतिनिधि सभा को दिया गया दान/सहयोग आयकर अधिनियम की धारा 80G के अन्तर्गत आयकर छूट प्राप्त है

निवेदक

ଓଡ଼ିଶାରୁ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ

**ଶ୍ରୁତିନ୍ୟାସ**

ଚଳଭାଷ - ୯୮୬୧୩୩୫୩୨୧, ୯୪୩୯୦୦୬୨୨୦, ୮୨୮୦୧୮୯୨୨୯, ୯୪୩୭୧୧୮୯୫୧

सम्मेलन कार्यालय : दिल्ली आर्य प्रतिनिधि सभा, 15 हनुमान रोड, नई दिल्ली-1 दूरभाष : 91-9540029044
E-mail : aryasabha@yahoo.com, Website : www.aryamahasammelan.org, www.thearyasamaj.org
YouTube thearyasamaj 9540045898

पहुँचने का मार्ग -दिल्ली मैट्रो के रिठाला अथवा बादली स्टेशन पर उतर कर सम्मेलन स्थल पर पहुंचा जा सकता है ।

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ

**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ

**ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org

**Shruti Sourabha**

Spiritual Social Vedic Magazine

Bimonthly

Vol-3, Issue-4, May-June 2018


## ସୂଚୀପତ୍ର


| | | |
|---|---|---|
| ୦୧. | ସ୍ୱର୍ଗଦ୍ୱାରରେ ଶବ ସଂସ୍କାର ଦ୍ୱାରା ମୃତାତ୍ମାର ସ୍ୱର୍ଗପ୍ରାପ୍ତି କି ? | ୦୨ |
| ୦୨. | ଯଜ୍ଞବିଧି | ୧୦ |
| ୦୩. | ଈଶ୍ୱରଙ୍କ କର୍ତ୍ତୃତ୍ୱ | ୧୬ |
| ୦୪. | ସତ୍ୟାର୍ଥ ପ୍ରକାଶ | ୧୮ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

ସର୍ବେ ଭବନ୍ତୁ ସୁଖିନଃ :

# ସ୍ୱର୍ଗଦ୍ୱାରରେ ଶବ ସଂସ୍କାର ଦ୍ୱାରା ମୃତାତ୍ମାର ସ୍ୱର୍ଗପ୍ରାପ୍ତି କି ?

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ. —** ଜଣେ ଦର୍ଶକବନ୍ଧୁ ପତ୍ରଟିଏ ଦେଇଛନ୍ତି। ସେ ଲେଖିଛନ୍ତି — "ଏହି କାର୍ଯ୍ୟକ୍ରମରେ 'ମଣିଷର ଅନ୍ତିମ ସଂସ୍କାର' ବିଷୟକ ଅଧ୍ୟାୟଟି ବହୁତ ଭଲ ଲାଗିଲା। ଅନ୍ତ୍ୟେଷ୍ଟି ସଂସ୍କାରରେ ପୁରୋହିତମାନେ ମୃତବ୍ୟକ୍ତିର ସନ୍ତାନ ଓ ଜ୍ଞାତି-କୁଟୁମ୍ବଙ୍କୁ ବୃଥାରେ ଯେଉଁ ଘାଣ୍ଟିପକାନ୍ତି ସେଥିରୁ ଉଦ୍ଧାର ପାଇବା ପାଇଁ ଶାସ୍ତ୍ରାନୁସାରେ ଯୁକ୍ତିଯୁକ୍ତ କଥାସବୁ ଆପଣ କହିଛନ୍ତି। ମୋ ମନରେ ଏ ବିଷୟରେ ଆଉ କିଛି ପ୍ରଶ୍ନ ଉଙ୍କି ମାରୁଛି। ଦୟାକରି ସେ ସବୁର ସମାଧାନ କରିବେ।

**୧.** ପୁରୀର ସ୍ୱର୍ଗଦ୍ୱାରରେ ଶବଦାହ କଲେ ସେ ମୃତ ବ୍ୟକ୍ତିର ଆତ୍ମା ସ୍ୱର୍ଗଗାମୀ ହୁଏ କି, ତାକୁ ସ୍ୱର୍ଗପ୍ରାପ୍ତି ହୁଏ କି ? ସ୍ୱର୍ଗଦ୍ୱାରକୁ ଶବ ନେଲେ କ'ଣ ପୁଣ୍ୟ ହୁଏ ?

**୨.** ଆଲୋଚନାରେ ଆପଣ କହିଲେ ଯେ 'ମା'-ବାପା ବଞ୍ଚିଥିଲା ବେଳେ ସେମାନଙ୍କ ସେବା-ଶୁଶ୍ରୂଷା କରିବା ଉଚିତ। ସେମାନେ ମଲା ପରେ ଅନ୍ୟମାନଙ୍କୁ ଭୁରିଭୋଜନ କରାଇଲେ ତଦ୍ଦ୍ୱାରା ମୃତବ୍ୟକ୍ତିର କ'ଣ ଲାଭ ?' ଆଚ୍ଛା, ଯଦି ଜଣେ ବ୍ୟକ୍ତି ତା' ମା'-ବାପା ବଞ୍ଚିଥିବା ବେଳେ ଭଲ ଭାବେ ସେମାନଙ୍କ ସେବା-ଶୁଶ୍ରୂଷା କରିବ ଓ ମୃତ୍ୟୁ ପରେ ବି ସେମାନଙ୍କ ପାଇଁ କିଛି କରିବାକୁ ଚାହିଁବ ତେବେ ସେ କ'ଣ କରିବା ଉଚିତ ?

**ସ୍ୱାମୀଜୀ —** ଆଜି ଆମେ ବହୁତ ଶବ୍ଦ ଶୁଣୁଛେ, ଯେଉଁ ଶବ୍ଦଗୁଡ଼ିକ କି ବେଦ ଓ ବୈଦିକ ସାହିତ୍ୟରେ ପ୍ରଯୁକ୍ତ ହୋଇଛି। ଆମେ ସେ ଶବ୍ଦଗୁଡ଼ିକ ସହ ତ ପରିଚିତ; କିନ୍ତୁ ସେ ସବୁର ବାସ୍ତବିକ ଅର୍ଥ ସହ ବହୁ କ୍ଷେତ୍ରରେ ପରିଚିତ ନୋହୁଁ। ଏଣୁ ବହୁଧା ତା'ର ବିପରୀତ କାର୍ଯ୍ୟ, ନିରର୍ଥକ କର୍ମ ବି କରୁଛୁ। ତଦ୍ଦ୍ୱାରା କୌଣସି ସୁପରିଣାମ ହେଉ ନାହିଁ। ଏହା ହେଉଛି ଆଜିର ବିଡ଼ମ୍ବନା। ଆମେ ପ୍ରଥମେ ଉତ୍ତମ ରୂପେ ବୁଝିବା ଦରକାର ଯେ '**ସ୍ୱର୍ଗ**' କ'ଣ, କେଉଁଠି ଥାଏ ? ଏବଂ '**ସ୍ୱର୍ଗଦ୍ୱାର**' ବାସ୍ତବରେ କେଉଁଟି ? ତା' ପରେ ଆମେ ନିର୍ଣ୍ଣୟ ନେଇପାରିବା ଯେ କେମିତି କର୍ମ କଲେ ସ୍ୱର୍ଗରେ ପ୍ରବେଶ କରିହୁଏ ଓ କେମିତି କରିବା ଦ୍ୱାରା ସ୍ୱର୍ଗରେ ପ୍ରବେଶ କରିହୁଏ ନାହିଁ।

ପରମପିତା ପରମାତ୍ମା ଯେତେବେଳେ ମଣିଷକୁ ଏ ସଂସାରରେ ସୃଷ୍ଟି କଲେ, ସଂସାରରେ ମଣିଷ କେମିତି ବ୍ୟବହାର କରିବ, ମଣିଷ ଜୀବନରେ ଆସୁଥିବା ପ୍ରତ୍ୟେକ ପ୍ରମୁଖ କ୍ରିୟା ସେ କିଭଳି ସଂପାଦନ କରିବ ସେ ବିଷୟରେ ବେଦ ମାଧ୍ୟମରେ ଜ୍ଞାନ ପ୍ରଦାନ କଲେ। ମଣିଷ ବଞ୍ଚିଥିବା ବେଳେ କେମିତି ଠିକ୍ ରୂପେ ବଞ୍ଚିବ ସେ ବିଷୟରେ ବି ବେଦରେ କୁହାଯାଇଛି ଏବଂ ଜଣେ ମରିଗଲା ପରେ କ'ଣ କରାଯିବା ଉଚିତ ସେ କଥା ବି କୁହାଯାଇଛି। ପରବର୍ତ୍ତୀ କାଳରେ ଋଷି-ମୁନିଗଣ ବେଦର ଏହି ମାର୍ଗଦର୍ଶନକୁ ଆଧାର କରି ଏସବୁ ବିଷୟକ ବିଶଦ ଦିଗ୍‌ଦର୍ଶନ ଦେଇଛନ୍ତି। ସମାଜରେ ବେଦ ତଥା ଏସବୁ ବୈଦିକ ସାହିତ୍ୟର ପଠନ-ପାଠନ, ଆଲୋଚନା ଅଭାବରୁ ଆମେ ସମସ୍ୟାରେ ପଡୁଛୁ, ଲୋକଙ୍କ ଅନାବନା କଥା ଶୁଣି ଭୁଲ୍-ଭାଲ୍ କାମ କରୁଛୁ। ଅତଏବ ବୈଦିକ ସିଦ୍ଧାନ୍ତ ସମ୍ବନ୍ଧୀୟ ସର୍ବନିମ୍ନ ଜ୍ଞାନ ସମସ୍ତେ ଜାଣିବା ଆବଶ୍ୟକ। ସଂସ୍କୃତ ଅନଭିଜ୍ଞତାଦି କାରଣରୁ ଯେଉଁମାନେ ବେଦ ଓ ପ୍ରାଚୀନ ବୈଦିକ ସାହିତ୍ୟ ଅଧ୍ୟୟନ କରିପାରୁନାହାନ୍ତି ସେ ବନ୍ଧୁମାନଙ୍କୁ ମୋର ପରାମର୍ଶ ଯେ, ଆଜି ଦୈନନ୍ଦିନ ଜୀବନରେ ଅତ୍ୟାବଶ୍ୟକ ବୈଦିକ ସିଦ୍ଧାନ୍ତକୁ ସରଳ ରୂପେ ହୃଦୟଙ୍ଗମ କରିବାର, ବୈଦିକ ଜ୍ଞାନ ଗନ୍ତାଘରେ ପ୍ରବେଶ କରିବାର ଏକ ଚାବିକାଠି ଅଛି। ତାହା ହେଲା 'ସତ୍ୟାର୍ଥପ୍ରକାଶ'। ସତ୍ୟାର୍ଥପ୍ରକାଶ ପ୍ରତ୍ୟେକଙ୍କ ଘରେ

ରହିବା ଉଚିତ ଏବଂ ଯେଉଁମାନେ ବେଦ ଓ ପ୍ରାଚୀନ ବୈଦିକ ସାହିତ୍ୟର ମୂଳଗ୍ରନ୍ଥ ପଢ଼ିପାରୁନାହାନ୍ତି ସେମାନେ ମଣିଷ ଜୀବନ ପାଇଁ ଅତ୍ୟାବଶ୍ୟକ ବୈଦିକ ସିଦ୍ଧାନ୍ତ ସଂପର୍କରେ ସର୍ବନିମ୍ନ ଜ୍ଞାନ ପାଇଁ କମ୍ ସେ କମ୍ ସତ୍ୟାର୍ଥପ୍ରକାଶ ଅବଶ୍ୟ ପଢ଼ିବା ଉଚିତ। ଆଜି ଆମେମାନେ ଏଭଳି ଏକ ବିପରୀତ ପରିବେଶରେ ଅଛେ ଯେ ମହର୍ଷି ଦୟାନନ୍ଦଙ୍କ ଏ ଅମର ଗ୍ରନ୍ଥର ବିନା ସହାୟତାରେ ଆଜିର ସମୟରେ କୌଣସି ସାଧାରଣ ବ୍ୟକ୍ତି ବେଦର ସିଦ୍ଧାନ୍ତକୁ ଯଥାର୍ଥ ରୂପେ ବୁଝିପାରିବା ସମ୍ଭବପର ନୁହେଁ। କାହିଁକି ?

**ପ୍ର.କ. —** ବେଦ ଆଦି ଗ୍ରନ୍ଥ ପଢ଼ିବା ପାଇଁ ଯେହେତୁ ସମସ୍ତଙ୍କର ସଂସ୍କୃତରେ ଜ୍ଞାନ ନାହିଁ।

**ସ୍ୱାମୀଜୀ —** ଆଗରୁ ଗୁରୁ-ଶିଷ୍ୟ ପରମ୍ପରାରେ ବେଦର ପଠନ-ପାଠନ ହେଉଥିଲା। ଖାଲି ସାମାନ୍ୟ ସଂସ୍କୃତ ଜାଣିଲେ ବି ତ ହେବ ନାହିଁ। ପ୍ରକରଣ ଅନୁସାରେ ବେଦମନ୍ତ୍ରର, ବୈଦିକ ଶବ୍ଦଗୁଡ଼ିକର ଅର୍ଥ ଗୁରୁ ଶିଷ୍ୟଙ୍କୁ ବୁଝାଉଥିଲେ। ସେ ପରମ୍ପରା ହିଁ ଧୀରେ-ଧୀରେ ସମାପ୍ତ ପ୍ରାୟ ହୋଇଗଲାଣି। ଏଭଳି ସ୍ଥିତିରେ ଆଜି ଆମେ ବେଦ ଓ ବୈଦିକ ସିଦ୍ଧାନ୍ତ ବୁଝିବାକୁ ଚାହୁଁଛେ। ତେଣୁ ଅସୁବିଧା ହେଉଛି। ବିନା ସତ୍ୟାର୍ଥପ୍ରକାଶରେ ବଡ଼-ବଡ଼ ବିଦ୍ୱାନ୍ ବି ବହୁ ଗମ୍ଭୀର ବୈଦିକ ସିଦ୍ଧାନ୍ତକୁ ବୁଝିବାକୁ ଗଲାବେଳେ ଝୁଣ୍ଟିଥାଆନ୍ତି। ସତ୍ୟାର୍ଥପ୍ରକାଶରେ କେବଳ ବେଦ ନୁହେଁ, ବ୍ରାହ୍ମଣ ଗ୍ରନ୍ଥ, ଦର୍ଶନ, ଉପନିଷଦ, ସ୍ମୃତିଗ୍ରନ୍ଥ, ଜୈନ-ବୌଦ୍ଧ ଗ୍ରନ୍ଥ, ବାଇବେଲ ଓ କୋରାନ୍ ଆଦି ୩୭୭ ଗ୍ରନ୍ଥର ପ୍ରମାଣ ଦିଆଯାଇଛି। ପ୍ରାଚୀନ ବୈଦିକ ସାହିତ୍ୟର ଏହା ଏକ ପରିପୂରକ ଗ୍ରନ୍ଥ। ଏଥିରେ **'ସ୍ୱର୍ଗ'** କ'ଣ, **'ନର୍କ'** କ'ଣ ସେ କଥା ବଡ଼ ସୁନ୍ଦର ଭାବେ ବୁଝାଇ ଦିଆଯାଇଛି ନବମ ସମୁଲ୍ଲାସରେ —

**'ସ୍ୱଃ ସୁଖଂ ଗଚ୍ଛତି ଯସ୍ମିନ୍ ସ ସ୍ୱର୍ଗଃ', 'ଅତୋ ବିପରୀତୋ ଦୁଃଖଭୋଗ ନରକ ଇତି'।**

**'ସ୍ୱଃ'**ର ଅର୍ଥ ସୁଖ। **'ସ୍ୱଃ ସୁଖଂ ଗଚ୍ଛତି ଯସ୍ମିନ୍'—** ଯେଉଁ ସ୍ଥିତିରେ ମଣିଷ ସୁଖ-ଶାନ୍ତି-ଆନନ୍ଦ-ପ୍ରସନ୍ନତା-ସନ୍ତୋଷ ପ୍ରାପ୍ତ, ଅନୁଭବ କରେ ସେହି ସ୍ଥିତି ବା ଅବସ୍ଥାର ନାମ ହେଉଛି 'ସ୍ୱର୍ଗ'। ଆଉ ଏହାର ବିପରୀତ ସ୍ଥିତି, ଅବସ୍ଥା ଅର୍ଥାତ୍ ଦୁଃଖ-ଦୁର୍ଦ୍ଦଶା-ଅଶାନ୍ତି ଅନୁଭୂତ ହେଉଥିବା ପରିସ୍ଥିତିର ନାମ 'ନର୍କ'। ସାଧାରଣତଃ ଆମର ଧାରଣା ଯେ 'ସ୍ୱର୍ଗ ହେଉଛି ଏକ ସ୍ଥାନବିଶେଷ। ଏ ପୃଥିବୀ ପୃଷ୍ଠର ଉପରେ ସ୍ୱର୍ଗ ବୋଲି ସ୍ଥାନଟିଏ ଅଛି। ସେଇଠି ଦେବତାମାନେ ରହନ୍ତି। ଇନ୍ଦ୍ର ହେଉଛନ୍ତି ସେ ଦେବତାମାନଙ୍କ ରାଜା। ସେଇଠି ବିଳାସ-ବ୍ୟସନର ସବୁ ବ୍ୟବସ୍ଥା ଅଛି। ଇତ୍ୟାଦି।'

**ପ୍ର.କ. —** ଆଉ ତଳେ ନର୍କ ବୋଲି ଗୋଟିଏ ସ୍ଥାନ ଅଛି। ସେଇଠି ତେଲ କଡ଼େଇରେ ପାପୀମାନଙ୍କୁ ପକାଯାଏ, କରତରେ କଟାଯାଏ, ପାଣିରେ କୁମ୍ଭୀର ମୁହଁରେ ପକାଯାଏ ଇତ୍ୟାଦି — ଏଭଳି ଚିତ୍ର ଦେଖିବାକୁ ମିଳେ।

**ସ୍ୱାମୀଜୀ —** ଆଚ୍ଛା, ଆଜି ଏ କଥା ତ ଆମେ ସମସ୍ତେ ଜାଣିଛେ ଯେ ପୃଥିବୀ ଗୋଲ୍। ଏହା ମହାକାଶରେ ବୁଲୁଛି। ଏହାର ତଳ-ଉପର-ଚତୁର୍ଦ୍ଦିଗରେ ଶୂନ୍ୟ ଅଛି। ଯେତେବେଳ ପର୍ଯ୍ୟନ୍ତ ଲୋକମାନେ ବୁଝି ନଥିଲେ ଯେ ପୃଥିବୀ ଏକ ଗୋଲାକାର ଆକାଶୀୟ ପିଣ୍ଡ, ପୃଥିବୀକୁ ମେଜ ଭଳି ଏକ ସମତଳ ପଦାର୍ଥ ବୋଲି ଭାବୁଥିଲେ, ସେତେବେଳେ ଏହାର ତଳ ଅଛି, ଉପର ଅଛି ବୋଲି ମନେ କରୁଥିଲେ। କିନ୍ତୁ ଏବେ ତ ଆମେ ଜାଣିଲେ ଯେ ଗୋଲ ପୃଥିବୀର ଚତୁଃପାର୍ଶ୍ୱରେ ଶୂନ୍ୟ ସ୍ଥାନ। ପୃଥିବୀ ପୃଷ୍ଠରେ ଯେଉଁ ମଣିଷ ଯେଉଁଠି ବି ରହିଲା ସମସ୍ତଙ୍କ ମୁଣ୍ଡ ଉପରେ ଶୂନ୍ୟ ଓ ତଳେ ପୃଥିବୀ। ଉପରେ ଶୂନ୍ୟରେ କୌଣସି ଘର-ଦ୍ୱାର, ନନ୍ଦନକାନନ ବଗିଚା ଆଦି ରହିବା ସମ୍ଭବ ନୁହେଁ; କାରଣ ଘରଦ୍ୱାର, ବାଡ଼ି-ବଗିଚା ଆଦି ରହିବା ପାଇଁ ତା' ତଳେ କଠିନ ଭୂମି ଭଳି ପଦାର୍ଥ ଆବଶ୍ୟକ ଯାହା ଉପରେ କି ଘରର ସ୍ତମ୍ଭ, କାନ୍ଥ, ବଗିଚାର ଗଛ ଲତା ଆଦି ଠିଆ ହୋଇରହିବ।

ଅତଏବ ବୈଦିକ ଶାସ୍ତ୍ରରେ କୁହାଯାଇଛି ଯେ, ସ୍ୱର୍ଗ ହେଲା ସେହି ପରିବେଶ, ପରିସ୍ଥିତି, ଅବସ୍ଥା ଯେଉଁଠି କି ସୁଖ-ଶାନ୍ତି-ପ୍ରସନ୍ନତା ମିଳେ। ତେଣୁ ଏହା କୌଣସି ନିର୍ଦ୍ଦିଷ୍ଟ ଭୌଗଳିକ ସ୍ଥାନବିଶେଷ ନୁହେଁ, ବରଂ ଅବସ୍ଥା-ପରିସ୍ଥିତି

ବିଶେଷ। ସ୍ୱର୍ଗ ଦୁଇ ପ୍ରକାର। ଯେଉଁଠି ସାଂସାରିକ ସୁଖ ମିଳେ ତାହା ହେଲା **'ସାମାନ୍ୟ ସ୍ୱର୍ଗ'**; ଯଥା— ଉତ୍ତମ ସ୍ୱାସ୍ଥ୍ୟ, ଆର୍ଥିକ ସମ୍ପନ୍ନତା, ସଂସ୍କାରିତ ପାରିବାରିକ ସଦସ୍ୟ, ସୁଖ-ଶାନ୍ତି-ଆନନ୍ଦ ଇତ୍ୟାଦି ଥିବା ପରିସ୍ଥିତି। ତେଣୁ ଘରକୁ ବି ସ୍ୱର୍ଗ କୁହାଯାଏ, ଯଦି ସେଇଠି ସୁଖ, ଶାନ୍ତି, ସନ୍ତୋଷ, ପ୍ରୀତି, ଶୃଙ୍ଖଳା, ସ୍ନେହ-ସୌହାର୍ଦ୍ଦ୍ୟ ଆଦି ଥାଏ।

ଜଣେ ସ୍ୱର୍ଗରେ ଅଛି ବୋଲି କିପରି ଜଣାଯିବ ସେ ବିଷୟରେ ଚାଣକ୍ୟ କହିଛନ୍ତି —

**ସ୍ୱର୍ଗସ୍ଥିତାନାମିହ ଜୀବଲୋକେ**
**ଚତ୍ୱାରି ଚିହ୍ନାନି ବସନ୍ତି ଦେହେ।**
**ଦାନପ୍ରସଙ୍ଗୋ ମଧୁରା ଚ ବାଣୀ**
**ଦେବାର୍ଚ୍ଚନଂ ବ୍ରାହ୍ମଣତର୍ପଣଂ ଚ ॥**

(ଚାଣକ୍ୟନୀତି. ୭:୧୬)

ଏହି ସଂସାରରେ ସ୍ୱର୍ଗରେ ବାସ କରୁଥିବା ଲୋକଙ୍କ ଶରୀରରେ ଚାରୋଟି ଚିହ୍ନ ଥାଏ — ୧. ଦାନ ଦେବାର ସ୍ୱଭାବ, ୨. ମଧୁରଭାଷଣ, ୩. ଦେବାର୍ଚ୍ଚନ ଅର୍ଥାତ୍ ମାତୃଦେବ, ପିତୃଦେବ, ଆଚାର୍ଯ୍ୟଦେବ ଓ ଅତିଥିଦେବଙ୍କ ଯଥୋଚିତ ସତ୍କାର ଏବଂ ପରମାତ୍ମଦେବଙ୍କ ଉପାସନା, ୪. ବ୍ରାହ୍ମଣତର୍ପଣ ଅର୍ଥାତ୍ ବେଦର ବିଦ୍ୱାନ୍, ବ୍ରହ୍ମନିଷ୍ଠଙ୍କୁ ସେବା-ସତ୍କାର ଦ୍ୱାରା ତୃପ୍ତ କରିବା। ଅତଏବ ଏଭଳି କାର୍ଯ୍ୟ ଯେଉଁ ଗୃହରେ, ସ୍ଥାନରେ ହେଉଥାଏ ତାହା ସ୍ୱର୍ଗ।

ଇଏ ତ ହେଲା ସାମାନ୍ୟ ସ୍ୱର୍ଗ। ଦ୍ୱିତୀୟ ହେଲା **'ବିଶେଷ ସ୍ୱର୍ଗ'**। ଯେଉଁଠି କେବଳ ଆନନ୍ଦ ହିଁ ଆନନ୍ଦ ଥାଏ, ଦୁଃଖ ବିଲ୍‌କୁଲ୍ ନଥାଏ ତାହା ବିଶେଷ ସ୍ୱର୍ଗ। ତାହା ହେଲା ପରମେଶ୍ୱରଙ୍କୁ ପ୍ରାପ୍ତ କରି ମୋକ୍ଷର ସ୍ଥିତି। ଜୀବାତ୍ମା ସଂସାରରେ ସୁଖ-ଶାନ୍ତି-ସନ୍ତୋଷର ପରିବେଶରେ ରହି ସୁଖଭୋଗ କରିବା ହେଲା ସାମାନ୍ୟ ସ୍ୱର୍ଗ। ଶରୀର ତ୍ୟାଗ କରିବା ପରେ ନିଜର ପୂର୍ବ ସାଧନା ବଳରେ ଈଶ୍ୱରଙ୍କୁ ପ୍ରାପ୍ତ କରି ମୋକ୍ଷରେ ନିରବଚ୍ଛିନ୍ନ ଆନନ୍ଦ ଲାଭ କରିଚାଲିବା ହେଲା ବିଶେଷ ସ୍ୱର୍ଗ। ଦୁଇଟି ଯାକ ସ୍ୱର୍ଗ। ସଂସାରରେ ବି ସ୍ୱର୍ଗ, ମୋକ୍ଷସ୍ଥିତି ବି ସ୍ୱର୍ଗ।

କିନ୍ତୁ ମୋକ୍ଷ ହେଲା ବିଶେଷ ସ୍ୱର୍ଗ। କାହିଁକି ? କାରଣ ସଂସାରରେ ଯେତେ ସୁଖ ଉପଲବ୍ଧ ହେଲେ ମଧ୍ୟ କିଛି-କିଛି ଦୁଃଖ ରହିବ ହିଁ ରହିବ। ସଂସାରରେ ଖରା-ବର୍ଷା-ଶୀତ ରହିବ, ସବୁ ପରିବେଶରେ ମଶା-ମାଛି-ରୋଗଜୀବାଣୁ ରହିବେ ହିଁ ରହିବେ, ଶରୀରରେ ଜରା-ବ୍ୟାଧି ତ ଅବଶ୍ୟମ୍ଭାବୀ, ସଂସାରରେ ବହୁ ଲୋକ ଥିବାରୁ ବିନା କାରଣରେ ବି ଅନ୍ୟର ଈର୍ଷା-ଦ୍ୱେଷ-କ୍ରୋଧର ଶିକାର ହେବାକୁ ହିଁ ପଡ଼ିବ, ଅନ୍ୟାୟ-ପକ୍ଷପାତ ଆଦି ହେବ ହିଁ ହେବ ଇତ୍ୟାଦି।

**'ନର୍କ'** କ'ଣ ? 'ସ୍ୱର୍ଗ'ର ବିପରୀତ ସ୍ଥିତି। ଦୁଃଖ-ଦୁର୍ଦ୍ଦଶା-ଅଶାନ୍ତିର ପରିସ୍ଥିତି-ପରିବେଶ। ଯଥା—ରୁଗ୍ଣ ସ୍ୱାସ୍ଥ୍ୟ, ଅଭାବ-ଅନାଟନ, ବିଶୃଙ୍ଖଳିତ ପାରିବାରିକ ସଦସ୍ୟ, ଅନ୍ୟର ଈର୍ଷା-ଦ୍ୱେଷ ଜନିତ ଅଯଥା ଦୁଃଖ ଇତ୍ୟାଦି ଥିବା ସ୍ଥିତି। ଗୃହ କିପରି ନର୍କ ହୁଏ, କେଉଁ ସ୍ଥିତିରେ ଆମେ କହିବା ଯେ ଜଣେ ନର୍କରେ ଅଛି ସେ କଥା ଚାଣକ୍ୟ କହିଛନ୍ତି —

**ଅତ୍ୟନ୍ତକୋପଃ କଟୁକା ଚ ବାଣୀ**
**ଦରିଦ୍ରତା ଚ ସ୍ୱଜନେଷୁ ବୈରମ୍।**
**ନୀଚପ୍ରସଙ୍ଗଃ କୁଳହୀନସେବା**
**ଚିହ୍ନାନି ଦେହେ ନରକସ୍ଥିତାନାମ୍ ॥**

(ଚାଣକ୍ୟନୀତି. ୭:୧୭)

ନର୍କରେ ରହୁଥିବା ବ୍ୟକ୍ତିର ଶରୀରରେ ନିମ୍ନଲିଖିତ ଚିହ୍ନ ଥାଏ — ୧. ଅତ୍ୟନ୍ତ କ୍ରୋଧୀ ସ୍ୱଭାବ, ୨. କଟୁଭାଷଣ, ୩. ଦରିଦ୍ରତା, ୪. କୁକୁର ଭଳି ସ୍ୱଜନ ବୈର, ୫. ନୀଚ ଲୋକଙ୍କ ସଙ୍ଗତି, ୬. କୁଳହୀନଙ୍କ ସେବା। ଏସବୁ ଜନିତ ଦୁଃଖଭୋଗର ସ୍ଥିତି ହେଲା ନର୍କ।

'ସ୍ୱର୍ଗ' କ'ଣ ଓ 'ନର୍କ' କ'ଣ ସେ କଥା ତ ଆମେ ଆଲୋଚନା କଲେ। ବର୍ତ୍ତମାନ ଦେଖିବା ଯେ, 'ସ୍ୱର୍ଗଦ୍ୱାର' କେଉଁଟି ? ଦ୍ୱାର ତାହା, ଯାହାଦ୍ୱାରା ଆମେ କୌଣସି ସ୍ଥାନକୁ ପ୍ରବେଶ କରୁ। ଅବଶ୍ୟ ସେଇଠୁ ବାହାରିବା କାମ ବି ଦ୍ୱାର ଦେଇ ହୁଏ। ଯେହେତୁ ସ୍ୱର୍ଗ ହେଲା ସୁଖଭୋଗର ସ୍ଥିତି,

ଅବସ୍ଥା, ପରିବେଶ । ତେଣୁ ଯେଉଁ-ଯେଉଁ ସାଧନ ମାଧ୍ୟମରେ ଆମେ ସେ ସ୍ଥିତିକୁ ପ୍ରାପ୍ତ କରିବା ତା'ର ନାମ ହେଲା 'ସ୍ୱର୍ଗଦ୍ୱାର' । ସ୍ୱର୍ଗ ବା ସୁଖ ପ୍ରାପ୍ତିର ଏକ ଉପାୟ ହେଲା ଉତ୍ତମ ସ୍ୱାସ୍ଥ୍ୟ । ଏହା ପ୍ରାପ୍ତିର ଦ୍ୱାର ହେଲା ସନ୍ତୁଳିତ ଆହାର-ବିହାର, ବ୍ୟାୟାମ ଆଦି । ତେଣୁ ବ୍ୟାୟାମ, ସନ୍ତୁଳିତ ଆହାର-ବିହାର, ବ୍ୟବସ୍ଥିତ ଦିନଚର୍ଯ୍ୟା ଆଦି ହେଲା ସ୍ୱର୍ଗର ଦ୍ୱାର । ସେହିପରି ଈଶ୍ୱର-ପ୍ରାପ୍ତି ଦ୍ୱାରା ସୁଖ-ଶାନ୍ତି-ଆନନ୍ଦ ରୂପକ ସ୍ୱର୍ଗସ୍ଥିତି ଲାଭ ହୁଏ । ତା'ର ଦ୍ୱାର ସବୁ ହେଲା— ଈଶ୍ୱରଙ୍କ ଆଜ୍ଞାପାଳନ, ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା, ଯୋଗାଭ୍ୟାସ, ସତ୍‌ସଙ୍ଗ, ଧର୍ମାଚରଣ, ପଞ୍ଚମହାଯଜ୍ଞ ଆଦି । ଜ୍ଞାନ ଦ୍ୱାରା ମଣିଷକୁ ସୁଖ-ଶାନ୍ତି ରୂପକ ସ୍ୱର୍ଗ ମିଳେ । ତେଣୁ ଜ୍ଞାନ ପ୍ରାପ୍ତି ପାଇଁ ବେଦାଧ୍ୟୟନ ହେଲା ସ୍ୱର୍ଗଦ୍ୱାର । ସେହିପରି ସେବା, ପରୋପକାର, ଧୈର୍ଯ୍ୟଧାରଣ, ମଧୁର ବ୍ୟବହାର, ସୁଶୀଳତା, ସଂଯମ, ସଦାଚାର ଆଦି ଉତ୍ତମ ଗୁଣ-କର୍ମ, ଯାହା ଦ୍ୱାରା କି ସୁଖ ମିଳେ, ସେ ସବୁ ହେଲା ସ୍ୱର୍ଗର ଦ୍ୱାର ।

**ପ୍ର.କ. —** ତା' ମାନେ ସ୍ୱର୍ଗଦ୍ୱାର କୌଣସି ସ୍ଥାନ ନୁହେଁ, ବରଂ ଉତ୍ତମ ଗୁଣ-କର୍ମ ।

**ସ୍ୱାମୀଜୀ —** ହଁ, ବସ୍ତୁତଃ ସ୍ୱର୍ଗଦ୍ୱାର ହେଲା ସୁଖ-ଶାନ୍ତି-ଆନନ୍ଦର ପରିସ୍ଥିତି, ଅବସ୍ଥାରେ ପ୍ରବେଶ କରିବାର ଦ୍ୱାର — ଉତ୍ତମ ଗୁଣ-କର୍ମ-ସ୍ୱଭାବ । ଏହା ଦ୍ୱାରା ହିଁ ଜୀବାତ୍ମା ସାମାନ୍ୟ ଓ ବିଶେଷ ଉଭୟ ପ୍ରକାର ସ୍ୱର୍ଗରେ ପ୍ରବେଶ କରେ । **ତେଣୁ ବାସ୍ତବିକ ସ୍ୱର୍ଗଦ୍ୱାର କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ କି ଏହା କୌଣସି ନିର୍ଦ୍ଦିଷ୍ଟ ସହରରେ ନଥାଏ ।** ସେହିଭଳି ନିକୃଷ୍ଟ ଗୁଣ-କର୍ମ; ଯଥା— ଅସଂଯମ, ଅଧୈର୍ଯ୍ୟ, ଚୋରି, ଉତ୍କୋଚ, ଲୁଣ୍ଠନ, ଶୋଷଣ, କଳାବଜାରୀ, ନିନ୍ଦା, ଚୁଗୁଲୀ, ଈର୍ଷା, ଦ୍ୱେଷ ଆଦି ନର୍କର ଦ୍ୱାର । ଯେଉଁ-ଯେଉଁ କର୍ମ ଦ୍ୱାରା ଅଶାନ୍ତି-ଦୁଃଖ ଆଦି ମିଳେ ସେସବୁ ନର୍କର ଦ୍ୱାର ।

ବାସ୍ତବରେ 'ସ୍ୱର୍ଗଦ୍ୱାର' କ'ଣ ଓ 'ନର୍କଦ୍ୱାର' କ'ଣ ସେ ବିଷୟ ତ ଆମେ ଜାଣିଲେ । ସେସବୁ ସ୍ଥାନବିଶେଷ ନୁହେଁ । କିନ୍ତୁ ସେ ବ୍ୟକ୍ତିଜଣକ ପ୍ରଶ୍ନ କରିଛନ୍ତି ଯେ — "ପୁରୀର ସ୍ୱର୍ଗଦ୍ୱାରରେ ଶବଦାହ କଲେ ସେ ମୃତବ୍ୟକ୍ତିର ଆତ୍ମା ସ୍ୱର୍ଗଗାମୀ ହୁଏ କି ?" ଆଚ୍ଛା, ଯଦି ବି **ଦୁର୍ଜନତୋଷନ୍ୟାୟ** ବା **ଅଭ୍ୟୁପଗମସିଦ୍ଧାନ୍ତ** ଆଧାରରେ ସେ ବ୍ୟକ୍ତିଙ୍କ କଥାନୁସାରେ କିଛି ସମୟ ପାଇଁ ଆମେ ମାନିନେବା ଯେ ସ୍ୱର୍ଗଦ୍ୱାର ବୋଲି କୌଣସି ଏକ ସ୍ଥାନ ଅଛି । ତେବେ ମଧ୍ୟ ମୁଖ୍ୟ ପ୍ରଶ୍ନ ତ ହେଲା ଯେ ସେହି ସ୍ଥାନରେ କାହାର ଶବଦାହ କଲେ ସେ ମୃତାତ୍ମାକୁ ସ୍ୱର୍ଗ ପ୍ରାପ୍ତି ହେବା ଠିକ୍ ହେବ ନା ଭୁଲ୍ ହେବ, ନ୍ୟାୟ ହେବ ନା ଅନ୍ୟାୟ ହେବ ?

**ପ୍ର.କ. —** ନିଶ୍ଚିତ ରୂପେ ଭୁଲ୍ ହେବ । କାରଣ ସ୍ୱର୍ଗପ୍ରାପ୍ତି କି ନର୍କପ୍ରାପ୍ତି ତ ବ୍ୟକ୍ତିର କର୍ମ ଉପରେ ନିର୍ଭର କରେ । କର୍ମ ଅନୁସାରେ ଫଳ ।

**ସ୍ୱାମୀଜୀ —** ଠିକ୍ । ଯଦି କୌଣସି ବ୍ୟକ୍ତିର ଶବକୁ ପୁରୀର ସ୍ୱର୍ଗଦ୍ୱାର ହେଉ କି ଦୁନିଆର ଆଉ କୌଣସି ବି ସ୍ଥାନରେ ହେଉ, ସ୍ଥାନବିଶେଷରେ ଦାହ କରିବା ଯୋଗୁଁ ସେ ମୃତାତ୍ମାକୁ ସ୍ୱର୍ଗ ଅର୍ଥାତ୍ ପରବର୍ତ୍ତୀ ଉତ୍ତମ ଜନ୍ମ କି ମୋକ୍ଷ ଦିଆଯାଏ, ତେବେ ଈଶ୍ୱରଙ୍କ ନ୍ୟାୟବ୍ୟବସ୍ଥା ସମାପ୍ତ ହୋଇଯିବ । ଈଶ୍ୱର ନ୍ୟାୟକାରୀ ନା ଅନ୍ୟାୟକାରୀ ?

**ପ୍ର.କ. —** ନ୍ୟାୟକାରୀ ।

**ସ୍ୱାମୀଜୀ —** ଠିକ୍ । ନ୍ୟାୟର ଅର୍ଥ ହେଲା — ଯେମିତି କର୍ମକୁ ସେମିତି ଫଳ, ଯେତିକି କର୍ମକୁ ସେତିକି ଫଳ । କର୍ମ-ଅନୁସାରେ ଫଳ ନ ଦେବା, ନ୍ୟୂନ-ଅଧିକ କରିବା ହେଲା ଅନ୍ୟାୟ । ବେଦରେ କୁହାଯାଇଛି —

**ନ କିଲ୍ବିଷମତ୍ର ନାଧାରୋ ଅସ୍ତି ନ ୟନ୍ମିତ୍ରୈଃ ସମମମାନ ଏତି ।**
**ଅନୂନଂ ପାତ୍ରଂ ନିହିତଂ ନ ଏତତ୍ ପକ୍ତାରଂ ପକ୍ୱଃ ପୁନରା ବିଶାତି ॥** (ଅଥର୍ବ. ୧୨:୩:୪୮)

ଈଶ୍ୱରଙ୍କ ନ୍ୟାୟ-ବ୍ୟବସ୍ଥା, କର୍ମଫଳ-ବ୍ୟବସ୍ଥାରେ କୌଣସି ଦୋଷ-ତ୍ରୁଟି ନାହିଁ । ଏଥିରେ କାହାରି ସୁପାରିଶ କାମ କରେ ନାହିଁ । ମିତ୍ରମାନଙ୍କ ସାହାଯ୍ୟ-ସହାୟତାରେ ଏ ବ୍ୟବସ୍ଥାକୁ ଅତିକ୍ରମ କରିବାର ବି ଉପାୟ ନାହିଁ । ଆମର

କର୍ମ ଦ୍ୱାରା ପୂର୍ଣ୍ଣ ପାତ୍ର କୌଣସି ନ୍ୟୂନାଧିକ୍ୟ ନ ହୋଇ ପୂର୍ଣ୍ଣତଃ ସୁରକ୍ଷିତ ରହିଥାଏ ଫଳ ଭୋଗ ପର୍ଯ୍ୟନ୍ତ। ପାକ କରିଥିବା ବ୍ୟକ୍ତିଙ୍କୁ ପରିପାକ ଦ୍ରବ୍ୟ ପୁଣି ପ୍ରାପ୍ତ ହୋଇଥାଏ।

**ପ୍ର.କ. —** ତା' ନ ହେଲେ ଜୀବନସାରା ଯିଏ କୁକର୍ମ କରିଛି, ଅନ୍ୟର ତଣ୍ଟି ଚିପି ନିଜର ଅଣ୍ଟି ଭର୍ତ୍ତି କରିଛି, ମୃତ୍ୟୁ ପରେ ସ୍ୱର୍ଗଦ୍ୱାରରେ ତା' ଶବ ଦାହ କରିଦେଲେ ଯଦି ତାକୁ ସ୍ୱର୍ଗ ଅର୍ଥାତ୍ ପରବର୍ତ୍ତୀ ସୁଖର ସ୍ଥିତି ମିଳିଯିବ, ତେବେ ତ ଏହା ଘୋର ଅନ୍ୟାୟ ହେବ।

**ସ୍ୱାମୀଜୀ —** ଠିକ୍। ଏମିତି ହେଲେ ତ ସଂସାରରେ ଲୋକଙ୍କୁ ପାପ କରିବାକୁ ଖୋଲା ଅନୁମତି ପତ୍ର (Open License) ମିଳିଯିବ। ଲୋକେ ପୁଣ୍ୟ କର୍ମ କରିବାର ଓ ପାପକୁ ଭୟ କରିବାର ଆବଶ୍ୟକତା ରହିବ ନାହିଁ। ଯଦି ପୁରୀର ସ୍ୱର୍ଗଦ୍ୱାରରେ ଶବ ଦାହ କରିଦେଲେ ଆତ୍ମାକୁ ସ୍ୱର୍ଗ ମିଳିଯିବ ବୋଲି ବ୍ୟବସ୍ଥା ରହିବ, ତେବେ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଶବ ପହଞ୍ଚାଇବା ଓ ସେଠାରେ ଦାହ କରିବା ପାଇଁ ଯେତିକି ଅର୍ଥ ଆବଶ୍ୟକ ସେତିକି ସଞ୍ଚୟ କରି ରଖିଦେଲେ ଓ ମୃତ୍ୟୁ ପରେ ସେ କାର୍ଯ୍ୟ କରିବା ପାଇଁ ପୂର୍ବରୁ ବନ୍ଦୋବସ୍ତ କରିଦେଲେ ଆଉ ଅସୁବିଧା ନାହିଁ। ତା' ପରେ ସାରା ଜୀବନ ଲାଞ୍ଚ-ମିଛ, ଅନୀତି-ଦୁର୍ନୀତି, କଳାବଜାରୀ, ଚୋରି-ଡକାଏତି, ରାହାଜାନୀ ଇତ୍ୟାଦିରେ ମାତିଲେ ବି ଅସୁବିଧା ନାହିଁ। ମଦଭାଟି ଖୋଲି ହେଉ କି ଜୁଆ ଆଡ୍ଡା ଚଳେଇ ହେଉ କି ଆଉ ଯାହା ପାପ ପନ୍ଥା ଆପଣାଇ ହେଉ ଅର୍ଥ ରୋଜଗାର କରି ମୃତ୍ୟୁ ପରେ ପୁରୀର ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଶବ ପହଞ୍ଚିଗଲେ ଗଲା। କିନ୍ତୁ ଶାସ୍ତ୍ରରେ କୁହାଯାଇଛି—

**ନାଭୁକ୍ତଂ କ୍ଷୀୟତେ କର୍ମ କଳ୍ପକୋଟି ଶତୈରପି।**
**ଅବଶ୍ୟମେବ ଭୋକ୍ତବ୍ୟଂ କୃତଂ କର୍ମ ଶୁଭାଶୁଭମ୍ ॥**

(ବ୍ରହ୍ମବୈବର୍ତ୍ତ. ପ୍ରକୃତି. ୩୭:୧୬)

ବ୍ୟକ୍ତି ଯାହା ବି ଶୁଭ-ଅଶୁଭ କର୍ମ କରିଛି ତାକୁ ଭୋଗ କରିବାକୁ ହିଁ ପଡ଼ିବ। ଭୋଗ ନ ହେବା ପର୍ଯ୍ୟନ୍ତ କର୍ମ କ୍ଷୟ ହୁଏ ନାହିଁ। ଯଦି ପୁରୀର ସ୍ୱର୍ଗଦ୍ୱାରରେ ଶବ ଦାହ କରିଦେଲେ ସ୍ୱର୍ଗ (ସୁଖ) ପ୍ରାପ୍ତି ହୋଇଯିବ, ତେବେ ତା' ଅଶୁଭ କର୍ମର ଫଳ ତାକୁ ମିଳିବ କିପରି ? ଏହା ତ ଈଶ୍ୱରଙ୍କ ନ୍ୟାୟବ୍ୟବସ୍ଥାର ବିପରୀତ ହେବ।

ଅତଃ ସିଦ୍ଧାନ୍ତ ହେଲା ଯେ ଜୀବାତ୍ମା ତା' କର୍ମ ଅନୁସାରେ ହିଁ ସୁଖ-ଦୁଃଖ ଫଳ ଭୋଗ କରିବ। କର୍ମ ଆଧାରରେ ହିଁ ତାକୁ ଯଥାଯଥ ପରବର୍ତ୍ତୀ ସ୍ଥିତି ମିଳିବ। ଯଦି ବ୍ୟକ୍ତି ଭଲ କର୍ମ କରିଥିବ ତେବେ ତା' ଶବ ଯେ କୌଣସି ସ୍ଥାନରେ ଦାହ କଲେ ବି, ତାକୁ ପରବର୍ତ୍ତୀ ଭଲ ସ୍ଥିତି ପ୍ରାପ୍ତ ହେବ। ଆଉ ଯଦି ଖରାପ କର୍ମ କରିଥିବ, ଯେ କୌଣସି ସ୍ଥାନରେ ତା' ଶବ ଦାହ କଲେ ମଧ୍ୟ ତାକୁ ପରବର୍ତ୍ତୀ ନିକୃଷ୍ଟ ସ୍ଥିତି ହିଁ ପ୍ରାପ୍ତ ହେବ। ତେଣୁ **କୌଣସି ସ୍ଥାନରେ ଶବଦାହ ସହ ଜୀବାତ୍ମାର ସ୍ୱର୍ଗ-ନର୍କ ପ୍ରାପ୍ତିର କୌଣସି ସମ୍ବନ୍ଧ ନାହିଁ।** କୌଣସି ସ୍ଥାନରେ ଶବଦାହ କଲେ ମଧ୍ୟ ଏଥିଯୋଗୁଁ ମୃତାତ୍ମାର ପରବର୍ତ୍ତୀ ଗତିରେ ପଇସାକର ପ୍ରଭାବ ପଡ଼େ ନାହିଁ।

ଆଉ ଯଦି ଏପରି ନିୟମ ରହେ ଯେ ପୁରୀର ସ୍ୱର୍ଗଦ୍ୱାରରେ ଶବଦାହ କଲେ ହିଁ ସେ ଆତ୍ମାକୁ ସ୍ୱର୍ଗପ୍ରାପ୍ତି ହେବ। ତେବେ ଆଉ ଯେଉଁ ସବୁ ସ୍ଥାନରେ ଯାହାକୁ ଦାହ କରାଯିବ ସେମାନଙ୍କୁ ସ୍ୱର୍ଗପ୍ରାପ୍ତି ହୋଇପାରିବ ନାହିଁ। ଏଣୁ ସ୍ୱର୍ଗଦ୍ୱାର ନିକଟରେ ରହୁଥିବା, ମୃତ୍ୟୁ ପରେ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଶବ ପହଞ୍ଚାଇବାର ବ୍ୟବସ୍ଥା କରିପାରିବା ଲୋକଙ୍କୁ, ସେ ଯେତେ ପାପୀ ହୋଇଥିଲେ ବି, ସ୍ୱର୍ଗପ୍ରାପ୍ତି ହେବ। ଆଉ ଦୂରରେ ରହୁଥିବା, ଦରିଦ୍ର ହୋଇଥିବା, ସ୍ୱର୍ଗଦ୍ୱାରରେ ଶବ ପହଞ୍ଚି ପାରୁନଥିବା ଲୋକଙ୍କୁ, ସେମାନେ ଯେତେ ପୁଣ୍ୟାତ୍ମା ହୁଅନ୍ତୁ ପଛକେ, ନର୍କ ପ୍ରାପ୍ତି ହେବ। ଇଏ ତ ଘୋର ଅନ୍ୟାୟ ହେବ। ଈଶ୍ୱର କେବେ ବି ଏଭଳି ଘୋର ଅନ୍ୟାୟ ବ୍ୟବସ୍ଥା କରିପାରିବେ ନାହିଁ।

**ପ୍ର.କ. —** ତା'ର ଅର୍ଥ ଶୁଭ ଗୁଣ-କର୍ମ ହେଲା ବାସ୍ତବିକ ସ୍ୱର୍ଗଦ୍ୱାର। ଶ୍ୱଶାନ ତ ଶ୍ମଶାନ। କୌଣସି ଶ୍ମଶାନର ନାମ କେହି ସ୍ୱର୍ଗଦ୍ୱାର ରଖିଦେଲେ ତାହା ଆତ୍ମା ପାଇଁ ସ୍ୱର୍ଗ ସୁଖ ପ୍ରାପ୍ତିର ଦ୍ୱାର ପାଲଟିଯାଏ ନାହିଁ, ସେଇଠି ଶବ ଦାହ ଦ୍ୱାରା ସେ ଆତ୍ମାର ସ୍ୱର୍ଗପ୍ରାପ୍ତି, ସଦ୍‌ଗତି ହୋଇଯାଏ ନାହିଁ। ଆମ କର୍ମ ଦ୍ୱାରା ହିଁ ଆମକୁ ସ୍ୱର୍ଗ କି ନର୍କ ମିଳେ।

କିନ୍ତୁ ସ୍ୱାମୀଜୀ ! ଆଜି ଆମ ଦର୍ଶକବନ୍ଧୁ ଯେଉଁ କଥା ପଚାରିଲେ, ସେଭଳି ଭୁଲ୍ କଥାଗୁଡ଼ିକ କାହିଁକି ସମାଜରେ ଲୋକଙ୍କ ଭିତରେ ବସା ବାନ୍ଧି ରହିଛି ?

**ସ୍ୱାମୀଜୀ —** ଅମୁକ ସ୍ଥାନରେ ଶବ ଦାହ କଲେ ସ୍ୱର୍ଗପ୍ରାପ୍ତି; ଅମୁକ ସ୍ଥାନରେ ପିଣ୍ଡ ଦେଲେ ୭ ପୁରୁଷ, ୧୦ ପୁରୁଷ, ୧୪ ପୁରୁଷ କି ଯାହା ମୁଣ୍ଡକୁ ଯେତିକି ଆସିଲା ସେତିକି ପୁରୁଷ ମୋକ୍ଷକୁ ଯିବେ, ପିତୃଲୋକକୁ ଯିବେ; ଅମୁକ ଜାଗାରେ ଅସ୍ଥି ବିସର୍ଜନ କଲେ ମୁକ୍ତି ମିଳିବ ଇତ୍ୟାଦି ଯାବତୀୟ ବିଭ୍ରାନ୍ତିକର କଥାଗୁଡ଼ିକ ସଂସାରରେ ପ୍ରଚଳିତ ହେବାର ମୁଖ୍ୟ କାରଣ ହେଲା — ୧. ବେଦ ତଥା ବୈଦିକ ସାହିତ୍ୟର ପଠନ-ପାଠନ, ପ୍ରସାରର ଅଭାବ, ୨. ଧର୍ମପୁସ୍ତକ ନାମରେ ବୁଦ୍ଧିହୀନ, ବିଭ୍ରାନ୍ତିକର, ସ୍ୱାର୍ଥସର୍ବସ୍ୱ, ଧୂର୍ତ୍ତତାପୂର୍ଣ୍ଣ ପୁସ୍ତକଗୁଡ଼ିକର ପ୍ରସାର । ଏଭଳି ବିଭ୍ରାନ୍ତିକର ପୁସ୍ତକଗୁଡ଼ିକର ପ୍ରସାରର କାରଣ ବି ହେଲା ଯେ ଏହାଦ୍ୱାରା ସ୍ୱାର୍ଥୀମାନଙ୍କ ସ୍ୱାର୍ଥସାଧନ ହେଉଛି । ତେଣୁ ସେମାନେ ଏସବୁର ଯୋଜନାବଦ୍ଧ ପ୍ରସାର କରାଉଛନ୍ତି । ଆଜି ବୁଦ୍ଧିବାଦୀ ଯୁଗ ହେଲେ ମଧ୍ୟ ସାଂସାରିକ ଲାଭକ୍ଷତିରେ ଆମେ ଯେତେ ବୁଦ୍ଧି ପ୍ରୟୋଗ କରୁଛୁ, ଧାର୍ମିକ କ୍ଷେତ୍ରରେ ସେପରି କରୁନାହୁଁ । ଆମେ ଭାବୁଛୁ ଧର୍ମ ନାମରେ ଯାହା ଚାଲୁଛି ଚାଲୁ । ଧାର୍ମିକ କ୍ଷେତ୍ରରେ ବି ଯଦି ଆମେ ବୁଦ୍ଧିପୂର୍ବକ, ବିବେଚନା ପୂର୍ବକ କାର୍ଯ୍ୟ କରନ୍ତେ; ବୈଦିକ ସାହିତ୍ୟ ଆଜି କାଲି ତ ସୁଲଭ ହେଲାଣି, ଯଦି ଟିକିଏ ସ୍ୱାଧ୍ୟାୟ କରନ୍ତେ ତେବେ ଆମ ମନରୁ ଏସବୁ ଭ୍ରାନ୍ତଧାରଣା ଦୂର ହୋଇଯାଆନ୍ତା ।

**ପ୍ର.କ. —** ତାଙ୍କର ଆଉ ଗୋଟିଏ ପ୍ରଶ୍ନ ଥିଲା ଯେ — 'ପୁରୀର ସ୍ୱର୍ଗଦ୍ୱାରକୁ ଶବ ନେଲେ କ'ଣ ପୁଣ୍ୟ ହୁଏ ?'

**ସ୍ୱାମୀଜୀ —** ଆମେ ତ ବିଚାର କଲେ ଯେ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କଲେ ସେଥିଯୋଗୁଁ ସେ ଜୀବାତ୍ମାକୁ କୌଣସି ପୁଣ୍ୟ ଲାଭ ହୁଏ ନାହିଁ । ଯେ କୌଣସି ସ୍ଥାନରେ ଶବଦାହ କରିବା ସମାନ କଥା । ମୃତାତ୍ମାର କର୍ମଫଳ ଉପରେ ସ୍ଥାନବିଶେଷରେ ଶବଦାହର କୌଣସି ପ୍ରଭାବ ପଡ଼େ ନାହିଁ । ମୃତଦେହର ଅନ୍ତ୍ୟେଷ୍ଟି ଯେହେତୁ ଆବଶ୍ୟକ, ତେଣୁ ନିହାତି କରିବାକୁ ପଡ଼େ । ଅତଏବ ସୁବିଧାନୁସାରେ ଯେତେ ନିକଟରେ କରିବେ ସେତେ ଭଲ । ଦୂର ସ୍ଥାନରୁ ପୁରୀର ସ୍ୱର୍ଗଦ୍ୱାରକୁ ଶବ ନେଲେ ବରଂ ଅଯଥା ପାପ ଅର୍ଜିବା ସାର ହୁଏ ।

**ପ୍ର.କ. —** ପାପ କେମିତି ହୁଏ ?

**ସ୍ୱାମୀଜୀ —** ଯେଉଁ ସ୍ଥାନରେ ଯାହାର ଦେହାନ୍ତ ହୁଏ, ସେହି ସ୍ଥାନରେ ଅନ୍ତ୍ୟେଷ୍ଟି କଲେ ସାଧାରଣତଃ ସୁବିଧା ହୁଏ । କାରଣ ସାଧନ ଓ ସମୟ ଅଳ୍ପ ଆବଶ୍ୟକ ହୁଏ । ନିକଟରେ ଅସୁବିଧା ଥିଲେ ଦୂରକୁ ନେବାକୁ ପଡ଼େ । କିନ୍ତୁ ନିକଟରେ ସୁବିଧା ଥାଇ ବି ଯଦି ଆମେ ପୁଣ୍ୟ ହେବ ଭାବି ପୁରୀର ସ୍ୱର୍ଗଦ୍ୱାରକୁ ଶବ ନେଉଛେ, ଆମେ ସେ କ୍ଷେତ୍ରରେ ଅଯଥା ପାପ ଅର୍ଜନ କରୁଛେ । କାହିଁକି ?

ମନେକର ଜଣେ ଲୋକର ଉମରକୋଟ କି ମାଲକାନଗିରି କିମ୍ବା ଖରିଆର ରୋଡ ଅଥବା ରାଇରଙ୍ଗପୁର ଭଳି ପୁରୀଠୁ ଦୂର ସ୍ଥାନରେ ଦେହାନ୍ତ ହେଲା । ସେ ପାଖରେ ଶେଷ କୃତ୍ୟ ସମାପନ କଲେ ଶୀଘ୍ର ଓ ସୁବିଧାରେ ହୋଇଯିବ । ଆପଣ ଯଦି ଶବକୁ ପୁରୀ ଆଣିବେ, ତେବେ ଅଯଥା କେତେ ଦୂର ଆଣିଲେ ? ପ୍ରାୟ ୪୦୦-୫୦୦-୬୦୦ କି.ମି । ଆସିବାକୁ ୧୦-୧୨ ଘଣ୍ଟା ସମୟ ଅଯଥା ନଷ୍ଟ, ଅନାବଶ୍ୟକ ପରିଶ୍ରମ । ଯିବା-ଆସିବା ପାଇଁ ଅଯଥା ତେଲ ପୋଡ଼ିଲେ ଗାଡ଼ିରେ, ପ୍ରଦୂଷଣ କଲେ ଅନାବଶ୍ୟକ ରୂପେ । ତେଣୁ ଅନାବଶ୍ୟକ ରୂପେ ପାପ ଅର୍ଜନ କଲେ । ଅତଏବ ନିକଟସ୍ଥ ଶ୍ମଶାନରେ ହିଁ ଅନ୍ତ୍ୟେଷ୍ଟି କରିବା ପୁଣ୍ୟର କାମ ।

**ପ୍ର.କ. —** ଆଚ୍ଛା, ସ୍ୱାମୀଜୀ ! ସେ ଆହୁରି ପଚାରିଛନ୍ତି ଯେ — 'ଜଣେ ବ୍ୟକ୍ତି ଜୀବନସାରା ମା'-ବାପାଙ୍କର ସେବା-ଶୁଶ୍ରୂଷା କଲା ପରେ, ତାଙ୍କର ମୃତ୍ୟୁ ପରେ ବି ଯଦି ସେମାନଙ୍କ ପାଇଁ କିଛି କରିବାକୁ ଚାହିଁବ, ତେବେ ବାସ୍ତବରେ କ'ଣ କରିବା ଉଚିତ ? କାରଣ ଆପଣ ହିଁ ଆମକୁ କହିଛନ୍ତି ଯେ କେହି ମଲା ପରେ ଆମେ ଅନ୍ୟ ଆତ୍ମୀୟ-ସ୍ୱଜନ ଇତ୍ୟାଦିଙ୍କୁ ଭୁରି-ଭୋଜନ କରାଇ ଧନ ଅପବ୍ୟୟ କରିବା ଅନୁଚିତ । ଏହା ମୃତାତ୍ମା ପ୍ରତି ଏକ

ବିଦ୍ରୂପ ମଧ୍ୟ । ତେବେ କୁହନ୍ତୁ ଯେ କ'ଣ କରିବା ଉଚିତ ହେବ ?

**ସ୍ୱାମୀଜୀ —** ପ୍ରଥମ କଥା ତ ହେଲା ଯେ କାହାରି ମୃତ୍ୟୁ ପରେ ଶବକୁ ନେଇ ବୈଦିକ ପଦ୍ଧତିରେ ଘୃତ, ହବନ ସାମଗ୍ରୀ ଆଦି ଦ୍ୱାରା ଅନ୍ତ୍ୟେଷ୍ଟି କରିବା ଉଚିତ। ତା' ପରେ ତୁରନ୍ତ ଘର ଲିପା-ପୋଛା କରି ଗୃହରେ ଉତ୍ତମ ରୂପେ ଯଜ୍ଞ କରିବା ବିଧେୟ। ଦିନେ, ଦୁଇଦିନ, ତିନି ଦିନ, ଯେତେ ଦିନ ଚାହିଁବେ ସେତେ ଦିନ ଯଜ୍ଞ କରିବେ। ତଦନନ୍ତର ତାଙ୍କ ସ୍ମୃତିରେ ଯଦି କିଛି କରିବାକୁ ଚାହୁଁଛନ୍ତି ତେବେ ସମାଜର କଲ୍ୟାଣ ହେବା ଭଳି କିଛି କର୍ମ କରିବା ଉଚିତ।

ସଂସାରରେ ଯେତେ ଦୁଃଖ, ସମସ୍ୟା ଅଛି ସେସବୁର ମୂଳକାରଣ ହେଲା ଅବିଦ୍ୟା। ଅବିଦ୍ୟା ଦୂରୀକରଣର ଉପାୟ ହେଲା ବେଦବିଦ୍ୟାର ପ୍ରସାର। ବେଦବିଦ୍ୟାର ପ୍ରସାର ଅଭାବରୁ ଲୋକେ ଧର୍ମ ନାମରେ ବି ବହୁ ଅଧର୍ମ ଆଚରଣ କରି ଦୁଃଖ ପାଉଛନ୍ତି। ବେଦରେ ଧର୍ମର ଯଥାର୍ଥ ବ୍ୟାଖ୍ୟା ବିଦ୍ୟମାନ। ମହର୍ଷି ମନୁଙ୍କ ଭାଷାରେ — **'ବେଦୋଽଖିଲୋ ଧର୍ମମୂଲମ୍'** (ମନୁ. ୨:୬) — ବେଦ ହିଁ ଧର୍ମର ଆଦିମୂଳ। **'ଧର୍ମଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ'** (ମନୁ. ୨:୧୩)— ଧର୍ମର ପ୍ରକୃଷ୍ଟ ଜ୍ଞାନ ନିମନ୍ତେ ବେଦ ହିଁ ସର୍ବୋତ୍ତମ ପ୍ରମାଣ। ଏଣୁ ସମାଜରେ ଧର୍ମବିଷୟକ ଯଥାର୍ଥ ଚେତନାର ପ୍ରସାର ପାଇଁ, ବୈଦିକ ଧର୍ମ ପ୍ରଚାର ନିମନ୍ତେ ଦାନ-ସହଯୋଗ ଦେବା, ବୈଦିକ ସାହିତ୍ୟର ପ୍ରକାଶନରେ ସହଯୋଗ ଦେବା, ମୃତକଙ୍କ ସ୍ମୃତିରେ ବୈଦିକ ସାହିତ୍ୟ ବିତରଣ କରିବା ସମାଜ କଲ୍ୟାଣର ଅତ୍ୟୁତ୍ତମ କାର୍ଯ୍ୟ। ଆତ୍ମୀୟ-ସ୍ୱଜନଙ୍କୁ ଭୁରି-ଭୋଜନ କରାଇଲେ ସେମାନଙ୍କ ଅନ୍ନମୟ କୋଷ, ସ୍ଥୂଳଶରୀରର ପୁଷ୍ଟି ପାଇଁ ମୁଖ୍ୟତଃ ପ୍ରଯତ୍ନ ହେଲା। କିନ୍ତୁ ସେମାନଙ୍କୁ ବୈଦିକ ସାହିତ୍ୟ ଦେଲେ ସେମାନଙ୍କ ବିଜ୍ଞାନମୟ, ମନୋମୟ ଓ ଅନନ୍ଦମୟ କୋଷର; ମନ-ବୁଦ୍ଧି-ଆତ୍ମାର କଲ୍ୟାଣ ପାଇଁ ପ୍ରଯତ୍ନ ହେଲା। ଆଜି ଖାଦ୍ୟର ଅଭାବରେ ଯେତେ ଲୋକ ଦୁଃଖୀ ନୁହନ୍ତି, ସ୍ୱଭାବ ଖରାପ ଯୋଗୁଁ ଯେତେ ଲୋକ ଦୁଃଖୀ ଅଟନ୍ତି। ବୈଦିକ ସାହିତ୍ୟର ପଠନ-ପାଠନ, ପ୍ରସାର ମଣିଷର ସ୍ୱଭାବକୁ ସୁଧାରିବାର କାର୍ଯ୍ୟ କରେ। ଅତଃ ମାତା-ପିତା ଆଦିଙ୍କ ସ୍ମୃତିରେ ବନ୍ଧୁବାନ୍ଧବଙ୍କୁ ଭୁରି ଭୋଜନ କରାଇବା ଅପେକ୍ଷା ସେମାନଙ୍କୁ ବୈଦିକ ସାହିତ୍ୟ ଦେବା ଅତି ଉତ୍କୃଷ୍ଟ କାର୍ଯ୍ୟ। ସେହିଭଳି ବୈଦିକ ଧର୍ମ-ସଂସ୍କୃତିର ରକ୍ଷା ପାଇଁ ଯେଉଁ ବ୍ରହ୍ମଚାରୀ-ବ୍ରହ୍ମଚାରିଣୀମାନେ ପ୍ରୟାସ କରୁଛନ୍ତି, ଗୁରୁକୁଳରେ ଅଧ୍ୟୟନ-ଅଧ୍ୟାପନା କରୁଛନ୍ତି ସେମାନଙ୍କୁ ସହଯୋଗ ଦେବା ବି ଉତ୍ତମ କାର୍ଯ୍ୟ।

ଦ୍ୱିତୀୟରେ, ଗରୀବ-ଅନାଥଙ୍କ ପୋଷଣ ଓ ଉନ୍ନତି କରିବା। ଶାସ୍ତ୍ରରେ କୁହାଯାଇଛି — **'ବୃଥା ବୃଷ୍ଟିଃ ସମୁଦ୍ରେଷୁ'** — ସମୁଦ୍ରରେ ତ ଜଳର ଅଭାବ ନାହିଁ। ସେଠାରେ ବର୍ଷାର ଉପଯୋଗିତା କ'ଣ ? ବର୍ଷା ତ ସେଇଠି ଦରକାର, ଯେଉଁଠି ଚାଷ ଜମି ପାଣି ନ ପାଇ ଫାଟି ଆଁ କରିଛି, ଜଳବିହୁନେ ଫସଲ ନଷ୍ଟ ହୋଇଯାଉଛି। ତେଣୁ ଯଦି ଖାଇବାକୁ ଦେବାକୁ ଚାହାନ୍ତି, ତେବେ ଅନାଥ-ନିର୍ଦ୍ଧନ ଲୋକଙ୍କୁ ଦିଅନ୍ତୁ, ଅନାଥାଶ୍ରମରେ ଦାନ-ସହଯୋଗ କରନ୍ତୁ। ଯେଉଁ ଗରୀବ ବିଦ୍ୟାର୍ଥୀଙ୍କ ପାଖରେ ବହି, ଖାତା, ବସ୍ତ୍ର, ବିଦ୍ୟାଳୟ ଶୁଳ୍କ, ପରୀକ୍ଷା ଶୁଳ୍କ ନାହିଁ, ସେସବୁ ପଦାର୍ଥ ଯଥାଶକ୍ତି ଯୋଗାଇ ଦିଅନ୍ତୁ। ଅସହାୟ ବୃଦ୍ଧ-ବୃଦ୍ଧାଙ୍କୁ ସହଯୋଗ କରନ୍ତୁ।

ତୃତୀୟରେ, ମଣିଷକୁ ତା' ଜନ୍ମଦାତ୍ରୀ ମାତା ପ୍ରାୟ ୨-୩ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତି। କିନ୍ତୁ ମଣିଷର ଆଉ ଗୋଟିଏ ମାତା ହେଲେ ଗୋମାତା। ଯିଏକି ଗୋବର ଖତ ଦ୍ୱାରା ଆମ ଜମିରେ ଉତ୍କୃଷ୍ଟ ଫସଲ ଉତ୍ପାଦନରେ ସହଯୋଗ କରନ୍ତି ଓ ସ୍ୱ ଅମୃତମୟ ଦୁଗ୍ଧ ଦ୍ୱାରା ସାରା ଜୀବନ ଆମକୁ ପରିପୁଷ୍ଟ କରନ୍ତି। ଏଣୁ ମାତା-ପିତାଦିଙ୍କ ସ୍ମୃତିରେ ଗୋମାତାଙ୍କ ପାଳନ-ପୋଷଣ ପାଇଁ ସହଯୋଗ କରିବା ବି ଉତ୍ତମ କାର୍ଯ୍ୟ। ନିଜ ସାମର୍ଥ୍ୟ ଅନୁସାରେ ଏଭଳି ଅନ୍ୟାନ୍ୟ ଜନମଙ୍ଗଳ କର୍ମ କରାଯାଇପାରେ।

**ପ୍ର.କ. —** ସ୍ୱାମୀଜୀ। ଆପଣ କହିଲେ ଯେ ମୃତ ମାତା-ପିତାଙ୍କ ସ୍ମୃତିରେ ଆମେ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଉନ୍ନତି ସମ୍ବନ୍ଧୀୟ କାର୍ଯ୍ୟ ଯଥାଶକ୍ତି କରିବା ଉଚିତ; ଯଥା — ବୈଦିକ ସାହିତ୍ୟ ପ୍ରକାଶନରେ ସହଯୋଗ, ବୈଦିକ ପୁସ୍ତକ-ପ୍ରଚାରପତ୍ର ବିତରଣ, ଗୁରୁକୁଳର

ବିଦ୍ୟାର୍ଥୀଙ୍କୁ ସହଯୋଗ, ଅନାଥ-ନିର୍ଦ୍ଧନ ବିଦ୍ୟାର୍ଥୀଙ୍କ ପାଳନ-ପୋଷଣ, ମେଧାବୀ ବିଦ୍ୟାର୍ଥୀଙ୍କୁ ସହଯୋଗ-ପ୍ରୋତ୍ସାହନ, ଗୋମାତାଙ୍କ ପାଳନ-ସମ୍ବର୍ଦ୍ଧନ ଇତ୍ୟାଦି । ଯଦି କୌଣସି ବ୍ୟକ୍ତି ନିଜେ ଅତି ଗରୀବ ହୋଇଥିବ ଓ ଏସବୁ ମଧ୍ୟରୁ କିଛି କରିପାରିବ ନାହିଁ, ସେ ତା' ମାତା-ପିତାଙ୍କ ସ୍ମୃତିରେ କ'ଣ କରିପାରିବ ?

**ସ୍ୱାମୀଜୀ —** ସଂସାରର କଲ୍ୟାଣର ଆଉ ଏକ ପ୍ରମୁଖ କର୍ମ ହେଲା ବୃକ୍ଷରୋପଣ । ମୁଁ ତ କହିବି ଯେ ଯଦି ସୁବିଧା ହେଉଛି ପ୍ରତ୍ୟେକ ବ୍ୟକ୍ତି ପ୍ରତି ବର୍ଷ ନିଜ ମାତା-ପିତାଙ୍କ ସ୍ମୃତିରେ ଅନ୍ତତଃ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରନ୍ତୁ । ଏହାକୁ କିଛି ଦିନ ଯତ୍ନପୂର୍ବକ ବଢ଼ାନ୍ତୁ । ତା' ପରେ ଏହା ଆପେ ବଢ଼ିବାକୁ ସକ୍ଷମ ହୋଇଯିବ । ଏହାଦ୍ୱାରା ସଂସାରର ନିରନ୍ତର କଲ୍ୟାଣ ହେବ ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

**୨୯ ପୃଷ୍ଠାର ଅବଶିଷ୍ଟାଂଶ...**

**ଉତ୍ତର —** ସମ୍ପୂର୍ଣ୍ଣ ରୂପେ ମିଛ । ଗୟାରେ ପିଣ୍ଡ ଦେବାର ଯଦି ସେ ପ୍ରଭାବ ଥାଆନ୍ତା, ତେବେ ପିତୃଲୋକଙ୍କ ଉଦ୍ଧାର ନିମନ୍ତେ ପଣ୍ଡାମାନଙ୍କୁ ଲୋକେ ଯେଉଁ ଲକ୍ଷ-ଲକ୍ଷ ଟଙ୍କା ଦାନ ଦିଅନ୍ତି, ଗୟାର ପଣ୍ଡାମାନେ ସେହି ଦାନ ଲବ୍‌ଧ ଅର୍ଥରେ ବେଶ୍ୟାଗମନାଦି ପାପ କରନ୍ତି, ସେହି ପାପ କାହିଁକି ଏମାନଙ୍କଠୁ ହଟୁନି ? ଦ୍ୱିତୀୟରେ, ଆଜିକାଲି ସେଠାରେ ପଣ୍ଡାଙ୍କ ହାତ ବ୍ୟତୀତ ଆଉ କାହାର ହାତ ତ କିଛି ନେବା ପାଇଁ ପ୍ରସାରିତ ହେଉ ନାହିଁ । ଏଠାରେ ପୂର୍ବେ କେବେ କୌଣସି ଧୂର୍ତ୍ତ ବ୍ୟକ୍ତି ଭୂଇଁରେ ଗାତଟିଏ ଖୋଳି, ତହିଁରେ ଜଣେ ଲୋକକୁ ବସାଇଦେଇଥିବ । ସେ ଗାତର ମୁହଁକୁ କୁଶ, ଘାସ ପ୍ରଭୃତି ଦ୍ୱାରା ଘୋଡ଼ାଇ ସେଠାରେ ପିଣ୍ଡ ଦେଇଥିବ । ପିଣ୍ଡ ଦେବାବେଳେ ସେ ଗାତ ଭିତରେ ବସିଥିବା ଲୋକଜଣକ ହାତ ବଢ଼ାଇ ପିଣ୍ଡକୁ ଉଠାଇ ନେଇଥିବ । କୌଣସି ଧୂର୍ତ୍ତ ଲୋକ ବୁଦ୍ଧିହୀନ ଲୋକଙ୍କୁ ଏମିତି ଭାବେ ଠକିଥିବ ତ ଏଥିରେ ବିଚିତ୍ରତା ନାହିଁ । ସେହିପରି **'ବୈଦ୍ୟନାଥ'**ଙ୍କୁ ରାବଣ ଆଣିଥିଲା, ଏହା ବି ମିଛ କଥା ।

**ପ୍ରଶ୍ନ —** ଦେଖ ! କଲିକତାର **'କାଳୀ'** ଓ 'କାମାକ୍ଷା' ଆଦି ଦେବୀଙ୍କୁ ଲକ୍ଷ-ଲକ୍ଷ ଲୋକ ମାନୁଛନ୍ତି । କ'ଣ ତାଙ୍କର କିଛି ମହିମା ନାହିଁ ?

**ଉତ୍ତର —** କିଛି ବି ନାହିଁ । ଯେମିତିକି ଗୋଟିଏ ମେଣ୍ଢା ପଛରେ ଆଉ ଗୋଟାଏ ମେଣ୍ଢା ଚାଲନ୍ତି, କୂଅ-ଖାଲରେ ପଡ଼ନ୍ତି, କେହି ରକ୍ଷା ପାଇବାର ଉପାୟ କରନ୍ତି ନାହିଁ; ସେହିପରି ଏ ଅନ୍ଧମାନେ ମେଷାନୁସରଣ କରନ୍ତି, ଜଣେ ମୂର୍ଖ ପଛରେ ଆଉ ଜଣେ ଯାଇ ମୂର୍ତ୍ତିପୂଜା ରୂପକ ଗର୍ତ୍ତରେ ପଡ଼ି ଦୁଃଖ ଭୋଗ କରନ୍ତି ।

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

❖❖❖

# ଯଜ୍ଞବିଧି

ପୂର୍ବାନୁକ୍ରମିକ ...

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

## ଆଚମନମ୍

ତତ୍‌ପରେ ନିମ୍ନଲିଖିତ ମନ୍ତ୍ର ପାଠ କରି ଦକ୍ଷିଣ ହସ୍ତ ପାପୁଲିରେ ଅଳ୍ପ-ଅଳ୍ପ ଜଳ ନେଇ ପ୍ରତ୍ୟେକ ମନ୍ତ୍ରରେ ଥରେ ଲେଖାଏଁ ଆଚମନ କରିବେ ।

**ଓ୩ମ୍ ଅମୃତୋପସ୍ତରଣମସି ସ୍ୱାହା ॥ ୧ ॥** (ଏହା ଦ୍ୱାରା ପ୍ରଥମ ।)

**ଓ୩ମ୍ ଅମୃତାପିଧାନମସି ସ୍ୱାହା ॥ ୨ ॥** (ଏହା ଦ୍ୱାରା ଦ୍ୱିତୀୟ ।)

**ଓ୩ମ୍ ସତ୍ୟଂ ଯଶଃ ଶ୍ରୀର୍ମୟି ଶ୍ରୀଃ ଶ୍ରୟତାଂ ସ୍ୱାହା ॥ ୩ ॥** (ଏହା ଦ୍ୱାରା ତୃତୀୟ ।)

(ତୈ. ଆ. ୧୦:୩୨,୩୫; ଆଶ୍ୱ. ଗୃହ୍ୟ. ୧:୨୪:୧୨,୨୧,୨୨)

**ପଦାର୍ଥ — (ଓ୩ମ୍)** ହେ ସର୍ବରକ୍ଷକ **(ଅମୃତ)** ଅମୃତସ୍ୱରୂପ ଭଗବନ୍! ଆପଣ **(ଉପସ୍ତରଣମ୍)** ବିଛଣା ଭଳି **(ଅସି)** ଅଟନ୍ତି, **(ସ୍ୱାହା)** ଏହା ମୁଁ ଯଥାର୍ଥ ରୂପେ ଜାଣେ ଓ ସତ୍ୟନିଷ୍ଠା ପୂର୍ବକ ଅନ୍ତରର ଭାବନା ଅଭିବ୍ୟକ୍ତ କରୁଛି ॥ ୧ ॥

**ଭାବାର୍ଥ —** ହେ ସର୍ବରକ୍ଷକ, ଅମୃତସ୍ୱରୂପ ଭଗବନ୍! ଆପଣ ବିଛଣା ଭଳି ଅଟନ୍ତି ଅର୍ଥାତ୍ ସକଳ ଜଗତର ଆଧାର ଓ ଆଶ୍ରୟ ଅଟନ୍ତି । ଏହା ମୁଁ ଯଥାର୍ଥତଃ ଜାଣେ । ସତ୍ୟନିଷ୍ଠା ପୂର୍ବକ ଏହା ମୋର ଅନ୍ତରିକ ଅଭିବ୍ୟକ୍ତି । ଆପଣଙ୍କ ଅଭୟ ଆଶ୍ରୟ ଏହି କୋଳରେ ମୁଁ ଶାନ୍ତି ଓ ନିଶ୍ଚିନ୍ତତାର ଅନୁଭବ କରୁଛି । ଜଳକୁ ଉଦରସ୍ଥ କଲା ଭଳି ଏ ବିଚାରକୁ ମୁଁ ଆତ୍ମସାତ୍ କରୁଅଛି ॥ ୧ ॥

**ପଦାର୍ଥ — (ଓ୩ମ୍)** ହେ ସର୍ବରକ୍ଷକ **(ଅମୃତ)** ଅମୃତସ୍ୱରୂପ ପ୍ରଭୋ! ଆପଣ ଆମ **(ଅପିଧାନମ୍)** ଚାଦର, ଆଚ୍ଛାଦକ ବସ୍ତ୍ର ତୁଲ୍ୟ **(ଅସି)** ଅଟନ୍ତି, **(ସ୍ୱାହା)** ଏହା ମୁଁ ହୃଦୟର ସହ ସ୍ୱୀକାର କରୁଛି ଓ ଅନ୍ତରରୁ ପ୍ରକାଶ କରୁଛି ।

**ଭାବାର୍ଥ —** ହେ ସର୍ବରକ୍ଷକ, ଅବିନାଶିସ୍ୱରୂପ, ଅଜର ପରମେଶ୍ୱର! ଆପଣ ଆଚ୍ଛାଦକ, ଆବରଣ, ଚାଦର ଆଦି ଭଳି ଅଟନ୍ତି । ଆପଣଙ୍କ ଅମୃତ ଆଚ୍ଛାଦନ ଭିତରେ ଆମେ ସୁରକ୍ଷିତ । ଏହା ମୋର ପ୍ରାଣର ଉଦ୍‌ଗାର ।

**ପଦାର୍ଥ — (ଓ୩ମ୍)** ହେ ସର୍ବରକ୍ଷକ ଈଶ୍ୱର! **(ସତ୍ୟମ୍)** ସତ୍ୟ-ଜ୍ଞାନ, **(ଯଶଃ)** ଯଶ, **(ଶ୍ରୀଃ)** ଧନ-ଐଶ୍ୱର୍ଯ୍ୟ, **(ମୟି)** ମୋ ଠାରେ **(ଶ୍ରୀଃ)** ଶ୍ରୀ, ଶୋଭା ରୂପେ **(ଶ୍ରୟତାମ୍)** ଆଶ୍ରୟ ନେଉ - **(ସ୍ୱାହା)** ଏହା ମୁଁ ଆପଣଙ୍କୁ ପ୍ରାର୍ଥନା କରୁଅଛି ।

**ଭାବାର୍ଥ —** ହେ ସର୍ବରକ୍ଷକ ଈଶ୍ୱର! ସତ୍ୟ-ଜ୍ଞାନ; ସତ୍ୟାଚରଣ, ଶ୍ରେଷ୍ଠାଚରଣ ଦ୍ୱାରା ପ୍ରାପ୍ତ ଯଶ; ସତ୍ୟମାର୍ଗରେ ଉପାର୍ଜିତ ଧନ-ଐଶ୍ୱର୍ଯ୍ୟ ମୋ ଠାରେ ଶ୍ରୀ, ଶୋଭା, କାନ୍ତି ରୂପେ ଆଶ୍ରୟ ନେଉ, ଅବସ୍ଥାନ କରୁ । ହେ ପ୍ରଭୋ ! ଏହା ମୋର ଅନ୍ତରର ପ୍ରାର୍ଥନା ।

ଆଚମନ ପରେ ଡାହାଣ ହାତ ପାପୁଲି ଧୋଇଦେବେ ।

## ଅଙ୍ଗସ୍ପର୍ଶଃ

ବାମ ହସ୍ତ ପାପୁଲିରେ ଅଳ୍ପ ଜଳ ନେବେ । ନିମ୍ନୋକ୍ତ ମନ୍ତ୍ର ପାଠ ପୂର୍ବକ ଅଙ୍ଗଗୁଡ଼ିକ ଦୋଷରହିତ ତଥା ଶକ୍ତିଶାଳୀ ହୁଅନ୍ତୁ ବୋଲି ଈଶ୍ୱରଙ୍କଠାରେ ପ୍ରାର୍ଥନା କରି ଦକ୍ଷିଣ ହସ୍ତର ମଧ୍ୟମା ଓ ଅନାମିକା ଅଙ୍ଗୁଳିଦ୍ୱୟରେ ଜଳ ସ୍ପର୍ଶ କରି କ୍ରମଶଃ ଅଙ୍ଗଗୁଡ଼ିକୁ (ପ୍ରଥମେ ଦକ୍ଷିଣ ଓ ତା' ପରେ ବାମ) ସ୍ପର୍ଶ କରିବେ ।

**ଓ୩ମ୍ ବାଙ୍ମ୍ଽ ଆସ୍ୟେଽସ୍ତୁ ॥** (ଏହା ଦ୍ୱାରା ମୁଖର ଦକ୍ଷିଣ ଓ ବାମ ପାର୍ଶ୍ୱ ।)

**ଓ୩ମ୍ ନସୋର୍ମେ ପ୍ରାଣୋଽସ୍ତୁ ॥** (ଏହା ଦ୍ୱାରା ନାସିକାର ଛିଦ୍ରଦ୍ୱୟ ।)

**ଓ୩ମ୍ ଅକ୍ଷ୍ଣୋର୍ମେ ଚକ୍ଷୁରସ୍ତୁ ॥** (ଏହା ଦ୍ୱାରା ଚକ୍ଷୁଦ୍ୱୟ ।)

**ଓ୩ମ୍ କର୍ଣ୍ଣୟୋର୍ମେ ଶ୍ରୋତ୍ରମସ୍ତୁ ॥** (ଏହା ଦ୍ୱାରା କର୍ଣ୍ଣଦ୍ୱୟ ।)

**ଓ୩ମ୍ ବାହ୍ୱୋର୍ମେ ବଲମସ୍ତୁ ॥** (ଏହା ଦ୍ୱାରା ବାହୁଦ୍ୱୟ ।)

**ଓ୩ମ୍ ଊର୍ବୋର୍ମଽ ଓଜୋଽସ୍ତୁ ॥** (ଏହା ଦ୍ୱାରା ଜାନୁଦ୍ୱୟ ।)

**ଓ୩ମ୍ ଅରିଷ୍ଟାନି ମେଽଙ୍ଗାନି ତନୂସ୍ତନ୍ୱା ମେ ସହ ସନ୍ତୁ ॥** (ଏହା ଦ୍ୱାରା ସର୍ବାଙ୍ଗ ।)

(ପାର. ଗୃହ୍ୟ. ୧:୩:୨୫)

**ପଦାର୍ଥ — (ଓ୩ମ୍)** ହେ ଜ୍ଞାନର ଉପଦେଶକ ପ୍ରଭୋ! **(ମେ)** ମୋର **(ଆସ୍ୟେ)** ମୁଖରେ **(ବାକ୍)** ବାକ୍-ଶକ୍ତି **(ଅସ୍ତୁ)** ପୂର୍ଣ୍ଣ ଆୟୁ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହୁ ।

**(ଓ୩ମ୍)** ହେ ଜୀବନଦାୟକ ପ୍ରଭୋ! **(ମେ)** ମୋର ଉଭୟ ନାସାପୁଟରେ **(ପ୍ରାଣଃ)** ପ୍ରାଣଶକ୍ତି **(ଅସ୍ତୁ)** ଆଜୀବନ ଦୃଢ଼ ଓ ବଳବତୀ ହୋଇ ରହୁ ।

**(ଓ୩ମ୍)** ହେ ମାର୍ଗଦର୍ଶକ ପ୍ରଭୋ! **(ମେ)** ମୋର **(ଅକ୍ଷ୍ଣୋଃ)** ଉଭୟ ଚକ୍ଷୁରେ **(ଚକ୍ଷୁଃ)** ଦୃଷ୍ଟିଶକ୍ତି **(ଅସ୍ତୁ)** ଆଜୀବନ ବିଦ୍ୟମାନ ରହୁ ।

**(ଓ୩ମ୍)** ହେ ସମସ୍ତଙ୍କ ପ୍ରାର୍ଥନା ଶ୍ରବଣକାରୀ ପରମାତ୍ମନ୍! **(ମେ)** ମୋର **(କର୍ଣ୍ଣୟୋଃ)** ଉଭୟ କାନରେ **(ଶ୍ରୋତ୍ରମ୍)** ଶ୍ରବଣଶକ୍ତି **(ଅସ୍ତୁ)** ମୃତ୍ୟୁ ପର୍ଯ୍ୟନ୍ତ ଅବ୍ୟାହତ ରହୁ ।

**(ଓ୩ମ୍)** ହେ ବଳଦାତା ଈଶ୍ୱର! **(ମେ)** ମୋର **(ବାହ୍ୱୋଃ)** ବାହୁଦ୍ୱୟରେ **(ବଲମ୍)** ବଳ **(ଅସ୍ତୁ)** ବିଦ୍ୟମାନ ରହୁ ।

**(ଓ୩ମ୍)** ହେ ପରାକ୍ରମଦାତା ପରମେଶ୍ୱର! **(ମେ)** ମୋର **(ଊର୍ବୋଃ)** ଉଭୟ ଜଂଘରେ **(ଓଜଃ)** ପରାକ୍ରମ **(ଅସ୍ତୁ)** ବିଦ୍ୟମାନ ରହୁ ।

**(ଓ୩ମ୍)** ହେ ନ୍ୟୂନତା-ପୂରଣକାରୀ ଭଗବନ୍! **(ମେ)** ମୋର **(ଅଙ୍ଗାନି)** ଶରୀରର ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ **(ଅରିଷ୍ଟାନି)** ରୋଗ ଓ ଦୋଷ ରହିତ ହେଉ ଏବଂ **(ମେ)** ମୋର **(ତନୂଃ)** ଶରୀର ଓ ଶରୀରର ସମସ୍ତ ଅଙ୍ଗ **(ତନ୍ୱା)**

ବିସ୍ତାର **(ସହ)** ସହ **(ସନ୍ତୁ)** ସଦା ବିଦ୍ୟମାନ ରହୁ ଅର୍ଥାତ୍ ସମ୍ୟକ୍ ରୂପେ ବର୍ଦ୍ଧନ ଓ ସୁଦୃଢ଼ ହେଉ ।

## ଅଗ୍ନ୍ୟାଧାନମ୍

ନିମ୍ନ ମନ୍ତ୍ର ପାଠପୂର୍ବକ ପ୍ରଜ୍ୱଳିତ ପ୍ରଦୀପ ଅଥବା ଦିଆସିଲି ସାହାଯ୍ୟରେ ଅଗ୍ନ୍ୟାଧାନ ନିମନ୍ତେ ଉଦ୍ଦିଷ୍ଟ କର୍ପୂରରେ ଅଗ୍ନି ସଂଯୋଗ କରିବେ ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ ॥** (ଗୋଭିଲ ଗୃହ୍ୟ. ୧:୧:୧୧)

**ପଦାର୍ଥ — (ଓ୩ମ୍)** ହେ ସର୍ବରକ୍ଷକ ପରମାତ୍ମନ୍! ଆପଣ **(ଭୂଃ)** ସକଳଜଗଦୁତ୍ପାଦକ, ପ୍ରାଣସ୍ୱରୂପ, **(ଭୁବଃ)** ଦୁଃଖବିନାଶକ ଓ **(ସ୍ୱଃ)** ସୁଖସ୍ୱରୂପ ଅଟନ୍ତି । ହେ ସଚ୍ଚିଦାନନ୍ଦସ୍ୱରୂପ ! ଆପଣଙ୍କ କୃପାରେ ମୋର ଏହି ଯଜ୍ଞାନୁଷ୍ଠାନ ସଫଳ ହେଉ । ଆପଣଙ୍କ ଦ୍ୱାରା ଉତ୍ପାଦିତ ଅଗ୍ନି ଭୂଃ = ପୃଥିବୀଲୋକ, ଭୁବଃ = ଅନ୍ତରିକ୍ଷଲୋକ ଓ ସ୍ୱଃ = ଦ୍ୟୁଲୋକରେ କ୍ରମଶଃ ଅଗ୍ନି, ବିଦ୍ୟୁତ୍ ଓ ସୂର୍ଯ୍ୟ ରୂପେ ବିଦ୍ୟମାନ । ମୋ ଦ୍ୱାରା ପ୍ରଜ୍ୱଳିତ ଅଗ୍ନି ମଧ୍ୟ ଏହି ତିନି ଅଗ୍ନିର ପ୍ରତିନିଧି ସ୍ୱରୂପ ଅଟେ । ଆପଣଙ୍କ କୃପାରେ ଏହି ଯଜ୍ଞୀୟ ଅଗ୍ନି ତ୍ରିଲୋକରେ ବିସ୍ତୀର୍ଣ୍ଣ ହୋଇ ଲୋକୋପକାରକ ସିଦ୍ଧ ହେଉ ।

ନିମ୍ନ ମନ୍ତ୍ର ପାଠ କରି ପ୍ରଜ୍ୱଳିତ ଅଗ୍ନିକୁ ଯଜ୍ଞକୁଣ୍ଡରେ ସ୍ଥାପନ କରିବେ ।

**ଓ୩ମ୍ ଭୂର୍ଭୁବଃ ସ୍ୱର୍ଦ୍ୟୌରିବ ଭୂମ୍ନା ପୃଥିବୀବ ବରିମ୍ଣା । ତସ୍ୟାସ୍ତେ ପୃଥିବି ଦେବୟଜନି ପୃଷ୍ଠେଽଗ୍ନିମନ୍ନାଦମନ୍ନାଦ୍ୟାୟାଦଧେ ॥** (ଯଜୁଃ. ୩:୫)

**ପଦାର୍ଥ — (ଓ୩ମ୍)** ହେ ସର୍ବରକ୍ଷକ, **(ଭୂଃ)** ସର୍ବ ଉତ୍ପାଦକ, ସର୍ବ ପ୍ରାଣାଧାର, **(ଭୁବଃ)** ଦୁଃଖଦୂରକାରୀ, **(ସ୍ୱଃ)** ସୁଖସ୍ୱରୂପ ଓ ସୁଖପ୍ରଦାତା ପ୍ରଭୋ । ଆପଣଙ୍କ କୃପାରେ ମୁଁ **(ଭୂମ୍ନା)** ମହତ୍ତ୍ୱା, ଗାରିମାରେ **(ଦ୍ୟୌଃ)** ଦ୍ୟୁଲୋକ **(ଇବ)** ଭଳି ଓ **(ବରିମ୍ଣା)** ଶ୍ରେଷ୍ଠତାରେ **(ପୃଥିବୀ)** ପୃଥିବୀଲୋକ **(ଇବ)** ସମ ହୋଇଯାଏ । **(ଦେବୟଜନି ପୃଥିବି)** ଦେବଙ୍କ ଯଜନସ୍ଥଳୀ ହେ ବିସ୍ତୀର୍ଣ୍ଣ ପୃଥିବି ! **(ତସ୍ୟାଃ)** ସେହି **(ତେ)** ତୁମର **(ପୃଷ୍ଠେ)** ପୃଷ୍ଠରେ (ଯଜ୍ଞକୁଣ୍ଡରେ) **(ଅନ୍ନାଦମ୍)** ହବ୍ୟ ପଦାର୍ଥ ଭକ୍ଷଣକାରୀ **(ଅଗ୍ନିମ୍)** ଅଗ୍ନିକୁ **(ଅନ୍ନାଦ୍ୟାୟ)** ହବି ଭକ୍ଷଣ ନିମିତ୍ତ ତଥା ଆମକୁ ଅନ୍ନାଦି ଭୋଗ୍ୟ ପଦାର୍ଥ ପ୍ରାପ୍ତି ନିମନ୍ତେ **(ଆ ଦଧେ)** ଆଧାନ (ସ୍ଥାପିତ) କରୁଅଛି ।

**ଭାବାର୍ଥ —** ହେ ସର୍ବରକ୍ଷକ, ସର୍ବ ଉତ୍ପାଦକ, ସର୍ବପ୍ରାଣାଧାର, ଦୁଃଖଦୂରକାରୀ, ସୁଖସ୍ୱରୂପ ଓ ସୁଖପ୍ରଦାତା, ସଚ୍ଚିଦାନନ୍ଦସ୍ୱରୂପ ପରମାତ୍ମନ୍! ଆପଣଙ୍କ କୃପାରେ ମୁଁ ମହତ୍ତ୍ୱା, ଗାରିମାରେ ଦ୍ୟୁଲୋକ ଭଳି ହୋଇଯାଏ, ଉତ୍କୃଷ୍ଟ ଗୁଣ-କର୍ମ-ସ୍ୱଭାବ ଓ ଐଶ୍ୱର୍ଯ୍ୟରେ ପ୍ରକାଶିତ ହୋଇଯାଏ; ଶ୍ରେଷ୍ଠତାରେ ବିସ୍ତୃତ ପୃଥିବୀ ସମ ହୋଇଯାଏ, ମୋ ହୃଦୟ ପୃଥିବୀ ଭଳି ବିଶାଳ, ଉଦାର ଓ ଆଶ୍ରୟଦେବାର ଗୁଣରେ ଯୁକ୍ତ ରହୁ । ଦେବଙ୍କ ଯଜନସ୍ଥଳୀ ଅର୍ଥାତ୍ ଦେବଙ୍କ ପୂଜନ-ସତ୍କାର, ସଙ୍ଗତିକରଣ ଓ ଦାନର ସ୍ଥାନ, ଦେବ (ବିଦ୍ୱାନ୍)ଙ୍କ ଦ୍ୱାରା ପରୋପକାର କର୍ମର ସ୍ଥାନ ଏହି ବିସ୍ତୀର୍ଣ୍ଣ ପୃଥିବୀର ପୃଷ୍ଠରେ ଯଜ୍ଞବେଦିରେ ହବ୍ୟ ପଦାର୍ଥର ଭକ୍ଷଣକାରୀ ଅଗ୍ନିକୁ ହବି ଭକ୍ଷଣ ନିମିତ୍ତ ତଥା ଆମକୁ ଅନ୍ନାଦି ଭୋଗ୍ୟ ପଦାର୍ଥ ପ୍ରାପ୍ତି ନିମନ୍ତେ ଆଧାନ (ସ୍ଥାପିତ) କରୁଅଛି ।

ନିମ୍ନ ମନ୍ତ୍ର ପାଠ ପୂର୍ବକ ପ୍ରଜ୍ୱଳିତ ଅଗ୍ନି ଉପରେ ଛୋଟ-ଛୋଟ ସମିଧ ଓ କର୍ପୂର ରଖି ଆବଶ୍ୟକ ସ୍ଥଳେ ବ୍ୟଜନ କରି କୁଣ୍ଡସ୍ଥ ଅଗ୍ନିକୁ ପ୍ରଦୀପ୍ତ କରିବେ ।

**ଓଓ୩ମ୍ ଉଦ୍‌ବୁଧସ୍ୱାଗ୍ନେ ପ୍ରତି ଜାଗୃହି ତ୍ୱମିଷ୍ଟାପୂର୍ତ୍ତେ ସଂସୃଜେଥାମୟଂ ଚ । ଅସ୍ମିନ୍ତ୍‌ସଧସ୍ଥେ ଅଧ୍ୟୁତ୍ତରସ୍ମିନ୍ ବିଶ୍ୱେ ଦେବା ଯଜମାନଶ୍ଚ ସୀଦତ ॥** (ଯଜୁଃ. ୧୫:୫୪)

**ପଦାର୍ଥ — (ଓ୩ମ୍)** ହେ ପ୍ରଭୋ ! ଆପଣଙ୍କୁ ସ୍ମରଣ କରି ମୁଁ କାମନା କରୁଛି ଯେ ମୋ ଦ୍ୱାରା ସ୍ଥାପିତ **(ଅଗ୍ନେ)** ହେ ଯଜ୍ଞାଗ୍ନେ ! **(ଉଦ୍‌ବୁଧ୍ୟସ୍ୱ)** ଉତ୍ତମ ରୂପେ ପ୍ରଦୀପ୍ତ ହୁଅ ଓ **(ପ୍ରତିଜାଗୃହି)** ପ୍ରତ୍ୟେକ ସମିଧକୁ ପ୍ରଜ୍ୱଳିତ କରି ନିରନ୍ତର ଜାଗୃତ ହୋଇ ରୁହ, ପର୍ଯ୍ୟାପ୍ତ ଜ୍ୱାଳାମୟ ହୁଅ । **(ତ୍ୱମ୍)** ତୁମେ **(ଚ)** ଓ **(ଅୟମ୍)** ଏହି ଯଜମାନ **(ଇଷ୍ଟାପୂର୍ତ୍ତେ)** ଇଷ୍ଟ ଓ ଆପୂର୍ତ୍ତ **(ସଂସୃଜେଥାମ୍)** ମିଳିମିଶି ସମ୍ପାଦନ କର । **(ଅସ୍ମିନ୍)** ଏହି **(ସଧସ୍ଥେ)** ଯଜ୍ଞବେଦିରେ **(ଅଧି)** ତଥା **(ଉତ୍ତରସ୍ମିନ୍)**ଏହାଠୁ ବି ଉତ୍ତମ ସାମୂହିକ ସ୍ଥାନ ବା ଯଜ୍ଞରେ **(ବିଶ୍ୱେ ଦେବାଃ)** ସମସ୍ତ ବିଦ୍ୱାନ୍, ଧାର୍ମିକ ସଜ୍ଜନ ଆଦି **(ଚ)** ଓ **(ଯଜମାନଃ)** ଯଜମାନ **(ସୀଦତ)** ବସନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଏହି ଯଜ୍ଞାଗ୍ନି ଉତ୍ତମ ରୂପେ ପ୍ରଦୀପ୍ତ ହେଉ ଏବଂ କାର୍ଯ୍ୟ ସମାପ୍ତି ଯାଏ ନିରନ୍ତର ଜାଗୃତ ହୋଇ ରହୁ । ଯଜମାନ ଓ ଯଜ୍ଞାଗ୍ନି ଉଭୟ ପାରସ୍ପରିକ ସହଯୋଗରେ ଇଷ୍ଟ ଅର୍ଥାତ୍ ଈଶ୍ୱରୋପାସନାଦି ଅଭୀପ୍‌ସିତ କର୍ମ ଏବଂ ଆପୂର୍ତ୍ତ ଅର୍ଥାତ୍ ପରୋପକାର କର୍ମ ସମ୍ପାଦନ କରନ୍ତୁ ।

## ସମିଦାଧାନମ୍

ଅଗ୍ନି ଉତ୍ତମ ରୂପେ ପ୍ରଜ୍ୱଳିତ ହେବା ପରେ ଚନ୍ଦନ ଅଥବା ପଳାଶ ପ୍ରଭୃତି ଯଜ୍ଞିୟ ସମିଧରୁ ଅଷ୍ଟାଙ୍ଗୁଳ ପରିମିତ ତିନିଖଣ୍ଡ ସମିଧ ଘୃତସିକ୍ତ କରି ନିମ୍ନଲିଖିତ ପ୍ରଥମ ମନ୍ତ୍ର ପାଠ କରି ତନ୍ମଧ୍ୟରୁ ଖଣ୍ଡିଏ, ଦ୍ୱିତୀୟ ଓ ତୃତୀୟ ମନ୍ତ୍ର ପାଠ କରି ଆଉ ଖଣ୍ଡିଏ ଏବଂ ଚତୁର୍ଥ ମନ୍ତ୍ର ପାଠ କରି ତୃତୀୟ ସମିଧଟିକୁ ଅଗ୍ନିରେ ପ୍ରଦାନ କରିବେ ।

**ଓ୩ମ୍ ଅୟଂ ତ ଇଧ୍ମ ଆତ୍ମା ଜାତବେଦସ୍ତେନେଧ୍ୟସ୍ୱ ବର୍ଦ୍ଧସ୍ୱ ଚେଦ୍ଧ ବର୍ଦ୍ଧୟ ଚାସ୍ମାନ୍ ପ୍ରଜୟା ପଶୁଭି-ର୍ବ୍ରହ୍ମବର୍ଚ୍ଚସେନାନ୍ନାଦ୍ୟେନ ସମେଧୟ ସ୍ୱାହା ॥ ଇଦମଗ୍ନୟେ ଜାତବେଦସେ - ଇଦନ୍ନ ମମ ॥ ୧ ॥**

(ଆଶ୍ୱ. ଗୃହ୍ୟ. ୧:୧୦:୧୨)

(ଏହା ଦ୍ୱାରା ପ୍ରଥମ ସମିଧ)

**ପଦାର୍ଥ — (ଜାତବେଦଃ)** ହେ ସମସ୍ତ ଉତ୍ପନ୍ନ ପଦାର୍ଥରେ ବିଦ୍ୟମାନ, ସକଳ ଉତ୍ପନ୍ନ ପଦାର୍ଥର ପ୍ରକାଶକ ଅଗ୍ନି ! **(ଅୟମ୍)** ଏହି **(ଇଧ୍ମଃ)** ସ୍ୱୟଂ ଜଳି ପ୍ରକାଶ କରୁଥିବା ଇନ୍ଧନ ରୂପକ ସମିଧ **(ତ)** ତୁମର **(ଆତ୍ମା)** ଆତ୍ମା ଅର୍ଥାତ୍ ଜୀବନର ଆଧାର, ଜଳି ରହିବାର ଆଧାର ଅଟେ । **(ତେନ)** ଏହା ଦ୍ୱାରା **(ଇଧ୍ୟସ୍ୱ)** ପ୍ରଦୀପ୍ତ ହୁଅ, **(ବର୍ଦ୍ଧସ୍ୱ)** ଲେଲିହାନ ଶିଖା ଟେକି ସ୍ୱୟଂ ବୃଦ୍ଧିପ୍ରାପ୍ତ ହୁଅ, **(ଚ)** ଓ **(ଇଦ୍ଧ = ଇତ୍+ହ)** ନିଶ୍ଚିତ ରୂପେ, ଅବଶ୍ୟ **(ବର୍ଦ୍ଧୟ)** ଆମ ସମସ୍ତଙ୍କୁ ପ୍ରକାଶିତ କର, ବୃଦ୍ଧି କର । **(ଅସ୍ମାନ୍)** ଆମକୁ **(ପ୍ରଜୟା)** ପ୍ରଜା ଦ୍ୱାରା, **(ପଶୁଭିଃ)** ପଶୁସମ୍ପଦ ଦ୍ୱାରା, **(ବ୍ରହ୍ମବର୍ଚ୍ଚସେନ)** ବ୍ରହ୍ମତେଜ ଦ୍ୱାରା, **(ଅନ୍ନାଦ୍ୟେନ)** ଅନ୍ନ ଆଦି ଭୋଗ୍ୟପଦାର୍ଥ ଓ ଭୋଗ୍ୟ ପଦାର୍ଥର ଭୋଗ ସାମର୍ଥ୍ୟରେ **(ସମେଧୟ)** ସମୃଦ୍ଧ, ସମ୍ପନ୍ନ କର । **(ସ୍ୱାହା)** ସମର୍ପଣ ଭାବନାରେ ଏହି ସୁନ୍ଦର ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏ ଆହୁତି **(ଜାତବେଦସେ ଅଗ୍ନୟେ)** ଜାତବେଦ ଅଗ୍ନି ପାଇଁ, **(ଇଦଂ)** ଏହା **(ମମ)** ମୋର **(ନ)** ନୁହେଁ ।

**ଭାବାର୍ଥ —** ଯେଉଁ ଅଗ୍ନି ପ୍ରଜ୍ୱଳିତ ହୋଇ ସବୁ ପଦାର୍ଥକୁ ପ୍ରକାଶିତ କରେ ତା'ର ଆତ୍ମା ଅର୍ଥାତ୍ ଜୀବନର ଆଧାର, ଜଳି ରହିବାର ସାଧନ ହେଉଛି ସମିଧ । ସମିଧ ଦ୍ୱାରା ଅଗ୍ନି ପ୍ରଦୀପ୍ତ ହୁଏ, ଘୃତାହୁତି ଦ୍ୱାରା ବୃଦ୍ଧି ପାଏ । ଯଜ୍ଞ କରି-କରି ପରମାତ୍ମାଙ୍କୁ ଏ ପ୍ରାର୍ଥନା କରାଯାଏ — "ହେ ଜଗତର ସକଳ ପଦାର୍ଥରେ ବ୍ୟାପ୍ତ ପରମାତ୍ମନ୍ ! ଏହି ଭୌତିକ ଅଗ୍ନି ଯେପରି

ପ୍ରଦୀପ୍ତ ହୋଇ ସ୍ୱ ଭକ୍ଷ୍ୟ ଅର୍ଥାତ୍ ସମିଧ-ଘୃତାଦି ପ୍ରାପ୍ତ କରି ଲେଲିହାନ ଶିଖା ବିସ୍ତାର କରି ବୃଦ୍ଧି ପାଏ, ସେହିପରି ଆମେ ମଧ୍ୟ ଆପଣଙ୍କ ଦ୍ୱାରା ପ୍ରଦତ୍ତ ଭୌତିକ ସାଧନର ସମୁଚିତ ଉପଯୋଗ, ପରିଶ୍ରମ-ପୁରୁଷାର୍ଥ ଦ୍ୱାରା ଜୀବନରେ ପ୍ରଦୀପ୍ତ ହେଉ, ବୃଦ୍ଧି ପାଉ, ପୁଷ୍ପିତ-ପଲ୍ଲବିତ ହେଉ । ଅଗ୍ନିର ଜ୍ୱାଳାର ବୃଦ୍ଧି ଭଳି ଆମର ଧନ-ଧାନ୍ୟ, ପ୍ରଜା-ପଶୁ, ବିଦ୍ୟାର ତେଜ ବିସ୍ତୃତ ହୋଇଚାଲୁ । ଆମର ଏ ବୃଦ୍ଧି ସ୍ୱ ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ନୁହେଁ, ବରଂ ପରୋପକାର ପାଇଁ ହେଉ । ଆପଣଙ୍କ କୃପାରୁ ପ୍ରାପ୍ତ ଏ ଭୋଗ୍ୟ ପଦାର୍ଥର ଉଚିତ ସେବନ ଦ୍ୱାରା ସବୁ ପ୍ରକାରେ ଆମ ଆଧାତ୍ମିକ ଜୀବନ ସମୃଦ୍ଧ ହେଉ ।" ଏଇଠି ଗୁରୁତ୍ୱପୂର୍ଣ୍ଣ ଶବ୍ଦ ହେଲା — **'ବର୍ଦ୍ଧସ୍ୱ'** ଓ **'ବର୍ଦ୍ଧୟ'** - ତୁମେ ବୃଦ୍ଧି ପାଅ ଓ ଆମର ବୃଦ୍ଧି କର । ଯଜ୍ଞ ବଢ଼ିଲେ, ଯଜ୍ଞୀୟ ଭାବନା ବୃଦ୍ଧି ପାଇଲେ ହିଁ ଯଜମାନର ବିକାଶ । ତ୍ୟାଗ-ସମର୍ପଣ, ପରିଶ୍ରମ-ପୁରୁଷାର୍ଥ, ଯୋଜନା-ସମନ୍ୱୟରେ ହିଁ ବ୍ୟଷ୍ଟି ଓ ସମଷ୍ଟିର ବୃଦ୍ଧି-ସମୃଦ୍ଧି ।

ସାଧକ ଯଜମାନର ଆନ୍ତରିକ ଅଭିବ୍ୟକ୍ତି ଯେ — 'ସମସ୍ତ ପଦାର୍ଥରେ ବିଦ୍ୟମାନ ହେ ପରମେଶ୍ୱର ! ମୋର ଏହି ଆତ୍ମା ଆପଣଙ୍କ ପାଇଁ ସମିଧ ଭଳି ଅଟେ । ହେ ଜ୍ଞାନସ୍ୱରୂପ ଅଗ୍ନେ, ପରମାତ୍ମନ୍ ! ଏହା ଦ୍ୱାରା ମୋର ହୃଦୟ ବେଦିରେ ଆପଣ ପ୍ରକାଶିତ ହୁଅନ୍ତୁ ଏବଂ ଆପଣଙ୍କ ଏ ପ୍ରକାଶ ମୋର ତପଃ-ସଂଯମ-ସାଧନାର ନିରନ୍ତର ଆହୁତିରେ ତୀବ୍ର ରୂପେ ବୃଦ୍ଧି ପାଇଚାଲୁ । ଆତ୍ମକଲ୍ୟାଣ ସାଙ୍ଗକୁ ପରୋପକାର, ସମାଜକଲ୍ୟାଣ ଉଦ୍ଦେଶ୍ୟରେ ଆମର ସାମଗ୍ରିକ ବୃଦ୍ଧି କରନ୍ତୁ । ସନ୍ତାନ-ସନ୍ତତି ଆଦି ଉତ୍ତମ ପ୍ରଜା, ଗବାଦି ପଶୁସମ୍ପଦ, ବ୍ରହ୍ମବିଦ୍ୟା-ବେଦବିଦ୍ୟାର ତେଜ ତଥା ଧାନ୍ୟ, ଘୃତ, ଦୁଗ୍ଧ ଆଦି ଖାଦ୍ୟ-ପାନୀୟ ଓ ସେସବୁର ଭୋଗ୍ୟ ସାମର୍ଥ୍ୟରେ ସମୃଦ୍ଧ କରନ୍ତୁ । ମୋର ପ୍ରତ୍ୟେକ କର୍ମ ଆପଣଙ୍କ ସୃଷ୍ଟିରୂପକ ଯଜ୍ଞରେ ଆହୁତି ସ୍ୱରୂପ ହେଉ, ଆପଣଙ୍କୁ ପ୍ରାପ୍ତିର ସାଧନ ସ୍ୱରୂପ ହେଉ, ସଂକୀର୍ଣ୍ଣ ସ୍ୱାର୍ଥ ପ୍ରଣୋଦିତ ନ ହେଉ ।'

**ଓଓମ୍ ସମିଧାଗ୍ନିଂ ଦୁବସ୍ୟତ ଘୃତୈର୍ବୋଧୟତାତିଥିମ୍ । ଆସ୍ମିନ୍ ହବ୍ୟା ଜୁହୋତନ ସ୍ୱାହା ॥ ଇଦମଗ୍ନୟେ - ଇଦନ୍ନ ମମ ॥ ୨ ॥**

**ଓଓମ୍ ସୁସମିଦ୍ଧାୟ ଶୋଚିଷେ ଘୃତଂ ତୀବ୍ରଂ ଜୁହୋତନ । ଅଗ୍ନୟେ ଜାତବେଦସେ ସ୍ୱାହା ॥ ଇଦମଗ୍ନୟେ ଜାତବେଦସେ - ଇଦନ୍ନ ମମ ॥ ୩ ॥** (ଯଜୁଃ. ୩:୧,୨)

(ଉଭୟ ମନ୍ତ୍ର ପରେ ଦ୍ୱିତୀୟ ସମିଧ ।)

**ପଦାର୍ଥ —** ହେ ଯାଜ୍ଞିକ ! **(ସମିଧା)** ସମିଧ ଦ୍ୱାରା **(ଅଗ୍ନିମ୍)** ଯଜ୍ଞାଗ୍ନିକୁ **(ଦୁବସ୍ୟତ)** ସେବନ କର, ପ୍ରଜ୍ୱଳିତ କର ଅର୍ଥାତ୍ ଶ୍ରଦ୍ଧା-ଭକ୍ତିର ସହ ଯଜ୍ଞ କର । **(ଘୃତୈଃ)** ଘୃତାହୁତି ଦ୍ୱାରା **(ଅତିଥିମ୍)** ଗତିଶୀଳ ଓ ଏହି ଅତିଥି ସମ ପ୍ରଥମ ସତ୍କରଣୀୟ ଯଜ୍ଞାଗ୍ନିକୁ **(ବୋଧୟତ)** ଜାଗୃତ କର, ପ୍ରବୁଦ୍ଧ କର । **(ଆ)** ଚତୁର୍ଦ୍ଦିଗରୁ **(ଅସ୍ମିନ୍)** ଏହି ଅଗ୍ନିରେ **(ହବ୍ୟା)** ମିଷ୍ଟ, ପୁଷ୍ଟ, ସୁଗନ୍ଧିତ ଓ ରୋଗନାଶକ ହବନୀୟ ପଦାର୍ଥ ଦ୍ୱାରା ହବନ କର । **(ସ୍ୱାହା)** ସମର୍ପଣ ଭାବନାରେ ମୁଁ ଏହି ସମିଧ ଅଗ୍ନିରେ ଅର୍ପଣ କରୁଅଛି । **(ଇଦମ୍)** ଏ ଆହୁତି **(ଅଗ୍ନୟେ)** ଯଜ୍ଞାଗ୍ନି ନିମିତ୍ତ, **(ଇଦଂ)** ଏହା **(ମମ)** ମୋର **(ନ)** ନୁହେଁ ॥ ୨ ॥

**ପଦାର୍ଥ —** ହେ ଯଜ୍ଞକର୍ତ୍ତା ! **(ସୁସମିଦ୍ଧାୟ = ସୁ+ସମ୍+ଇଦ୍ଧାୟ)** ଉତ୍ତମ ରୂପେ ପ୍ରଦୀପ୍ତ, **(ଶୋଚିଷେ)** ଜ୍ୱାଳାଯୁକ୍ତ **(ଜାତବେଦସେ)** ସକଳ ଉତ୍ପନ୍ନ ପଦାର୍ଥରେ ବ୍ୟାପକ ଓ ସେସବୁର ପ୍ରକାଶକ ଜାତବେଦ **(ଅଗ୍ନୟେ)** ଅଗ୍ନି ନିମନ୍ତେ **(ତୀବ୍ରମ୍)** ଉତ୍କୃଷ୍ଟ **(ଘୃତମ୍)** ଘୃତର **(ଜୁହୋତନ)** ଆହୁତି ଅର୍ପଣ କର । **(ସ୍ୱାହା)** ତ୍ୟାଗ ଭାବନାରେ ମୁଁ ଏହି ସମିଧର ସୁନ୍ଦର ଆହୁତି ପ୍ରଦାନ କରୁଅଛି । **(ଇଦମ୍)** ଏ ଆହୁତି **(ଜାତବେଦସେ)** ଜାତବେଦ **(ଅଗ୍ନୟେ)** ଅଗ୍ନିନିମିତ୍ତ, **(ଇଦଂ)** ଏହା **(ମମ)** ମୋର **(ନ)** ନୁହେଁ ॥ ୩ ॥

**ଓ୩ମ୍ ତନ୍ତ୍ୱା ସମିଦ୍‌ଭିରଙ୍ଗିରୋ ଘୃତେନ ବର୍ଦ୍ଧୟାମସି । ବୃହଚ୍ଛୋଚା ୟବିଷ୍ୟ ସ୍ୱାହା ॥ ଇଦମଗ୍ନୟେଽଙ୍ଗିରସେ - ଇଦନ୍ନ ମମ ॥ ୪ ॥**

(ୟଜୁଃ. ୩:୩)

(ଏହା ଦ୍ୱାରା ତୃତୀୟ ସମିଧ ।)

**ପଦାର୍ଥ — (ଅଙ୍ଗିରଃ)** ହେ ବ୍ୟାପନଶୀଳ ଅଗ୍ନି ! **(ତମ୍)** ସେହି **(ତ୍ୱା)** ତୁମକୁ **(ସମିଦ୍‌ଭିଃ)** ସମିଧ ଓ **(ଘୃତେନ)** ଘୃତ ଦ୍ୱାର **(ବର୍ଦ୍ଧୟାମସି)** ବୃଦ୍ଧି କରୁଅଛୁ । **(ୟବିଷ୍ୟ)** ହେ ବସ୍ତୁମାନଙ୍କ ପରମାଣୁଗୁଡ଼ିକର ସଂଯୋଜକ-ବିଯୋଜକ ଶକ୍ତିମାନଙ୍କ ଭିତରେ ଉତ୍ତମ! ତୁମେ **(ବୃହତ୍)** ବହୁତ **(ଶୋଚା)** ପ୍ରଦୀପ୍ତ ହୁଅ । **(ସ୍ୱାହା)** ତ୍ୟାଗ ଭାବନାରେ ମୁଁ ସମିଧର ଏ ସୁନ୍ଦର ଆହୁତି ପ୍ରଦାନ କରୁଅଛି । **(ଇଦମ୍)** ଏ ଆହୁତି **(ଅଙ୍ଗିରସେ)** ଅଙ୍ଗିରସ **(ଅଗ୍ନୟେ)** ଅଗ୍ନି ସକାଶେ, **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ।

## ପଞ୍ଚାହୁତୟଃ

ନିମ୍ନ ମନ୍ତ୍ର ପାଞ୍ଚ ଥର ପାଠ କରି ପାଞ୍ଚୋଟି ଘୃତାହୁତି ଦେବେ ।

**ଓ୩ମ୍ ଅୟଂ ତ ଇଧ୍ମ ଆତ୍ମା ଜାତବେଦସ୍ତେନେଧ୍ୟସ୍ୱ ବର୍ଦ୍ଧସ୍ୱ ଚେଦ୍ଧ ବର୍ଦ୍ଧୟ ଚାସ୍ମାନ୍ ପ୍ରଜୟା ପଶୁଭି-ର୍ବ୍ରହ୍ମବର୍ଚ୍ଚସେନାନ୍ନାଦ୍ୟେନ ସମେଧୟ ସ୍ୱାହା ॥ ଇଦମଗ୍ନୟେ ଜାତବେଦସେ - ଇଦନ୍ନ ମମ ॥**

(ଆଶ୍ୱ. ଗୃହ୍ୟ. ୧:୧୦:୧୨)

❖❖❖

**୧୭ ପୃଷ୍ଠାର ଅବଶିଷ୍ଟାଂଶ...**

ଯଦି ଈଶ୍ୱର ନାହାନ୍ତି, ତେବେ ଜୀବ ବି ନାହିଁ । ଯଦି ପ୍ରାଣୀମାନଙ୍କ ବ୍ୟାପାରରୁ ପ୍ରାଣୀମାନଙ୍କର ଚେତନତ୍ୱର ପ୍ରମାଣ ମିଳୁଛି, ତେବେ ସୃଷ୍ଟିର ବ୍ୟାପାରରୁ ବି ମହାନ୍ ଜ୍ଞାନୀ କର୍ତ୍ତାଙ୍କୁ ପ୍ରମାଣିତ କରିବା ଅବଶ୍ୟମ୍ଭାବୀ ହୋଇଯିବ ।

ଜୈନମାନଙ୍କର ସବୁଠାରୁ ପ୍ରବଳ ଯୁକ୍ତି ଏହା ଯେ କର୍ତ୍ତୃତ୍ୱ ମୋହ ଓ ବନ୍ଧନର ସୂଚକ ଅଟେ । କିନ୍ତୁ କେବଳ କର୍ତ୍ତୃତ୍ୱ ମୋହର ସୂଚକ ନୁହେଁ; ବରଂ ସ୍ୱାର୍ଥ ଏବଂ ଆସକ୍ତିଯୁକ୍ତ କର୍ତ୍ତୃତ୍ୱ ହିଁ ମୋହର ସୂଚକ । ଅନାସକ୍ତି କର୍ମ ମନୁଷ୍ୟର ବି ମୋହ ଓ ବନ୍ଧନର କାରଣ ହୁଏ ନାହିଁ । ମୋହର କାରଣ କର୍ତ୍ତୃତ୍ୱ ନୁହେଁ, ବରଂ ସ୍ୱାର୍ଥ । ଏଣୁ ଗୀତାରେ ଅନାସକ୍ତମୟ କର୍ମକୁ ବନ୍ଧନର ହେତୁ କୁହାଯାଇନାହିଁ । ମନୁଷ୍ୟର ପରମ ଆଦର୍ଶ ଏହା କି ଯେପରି ଈଶ୍ୱରଙ୍କର ସମସ୍ତ କାର୍ଯ୍ୟ ଆସକ୍ତିଶୂନ୍ୟ ହୋଇଥାଏ, ସେହିପରି ଅନାସକ୍ତିର ଅଭ୍ୟାସ ଆମେ ବି କରିବା ଯଦ୍ୱାରା ଆମେ ଈଶ୍ୱରଙ୍କର ନିକଟତର ହେବା ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖

## ସିଦ୍ଧାନ୍ତ ଚର୍ଚ୍ଚା :

# ଈଶ୍ୱରଙ୍କ କର୍ତ୍ତୃତ୍ୱ

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ପ୍ରାୟ ସମସ୍ତ ମତରେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ରୂପେ ସ୍ୱୀକାର କରାଯାଇଛି । ଆର୍ଯ୍ୟସମାଜର ଦ୍ୱିତୀୟ ନିୟମରେ ଈଶ୍ୱରଙ୍କ ସଚ୍ଚିଦାନନ୍ଦ ଆଦି ଗୁଣ, କର୍ମ ଓ ସ୍ୱଭାବ ଉଲ୍ଲେଖ କରି କୁହାଯାଇଛି ଯେ ଈଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି । ଜୈନମାନେ ଈଶ୍ୱରଙ୍କ କର୍ତ୍ତୃତ୍ୱକୁ ଅସ୍ୱୀକାର କରିଥାନ୍ତି ଏବଂ ଅନ୍ୟ କାହାକୁ ବି ସୃଷ୍ଟିକର୍ତ୍ତା ରୂପେ ମାନନ୍ତି ନାହିଁ । କିନ୍ତୁ ଅନ୍ୟ କେତେକ ମତ ଈଶ୍ୱରଙ୍କୁ କର୍ତ୍ତା ରୂପେ ସ୍ୱୀକାର କରି ମଧ୍ୟ ତାଙ୍କ କର୍ତ୍ତୃତ୍ୱର ବିବେଚନା କରନ୍ତି ନାହିଁ । ସାଧାରଣ ବ୍ୟକ୍ତିଟିଏ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି ତ ମାନିଥାଏ; କିନ୍ତୁ ସୃଷ୍ଟିକର୍ତ୍ତାଙ୍କର ଗୁଣ କ'ଣ ହେବା ଉଚିତ ଓ ନିର୍ମିତ ପଦାର୍ଥର ଗୁଣ କ'ଣ ହେବା ଆବଶ୍ୟକ - ଏହା ଉପରେ ବିଶେଷ ବିବେଚନା କରିବା ପାଇଁ ଚିନ୍ତା କରି ନ ଥାଏ । ବାସ୍ ! ତା' ପାଇଁ ଏତିକି ଜାଣିବା ଯଥେଷ୍ଟ ଯେ ଈଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି । କିଛି ଲୋକ ବୁଝିଥାନ୍ତି କି ଯେପରି ଅନ୍ୟ ଅନେକ ମତ ଆସ୍ତିକ ସେହିପରି ଆର୍ଯ୍ୟସମାଜ ବି ଆସ୍ତିକ । କିନ୍ତୁ ଆର୍ଯ୍ୟସମାଜର ୨ୟ ନିୟମର ପ୍ରତ୍ୟେକ ଶବ୍ଦ ଉପରେ ଗମ୍ଭୀର ଭାବେ ବିଚାର କରିବା ଦ୍ୱାରା ଆର୍ଯ୍ୟସମାଜ ଓ ସ୍ୱାମୀ ଦୟାନନ୍ଦଙ୍କ ଦ୍ୱାରା ସ୍ୱୀକୃତ ସିଦ୍ଧାନ୍ତଗୁଡ଼ିକର ବିଶେଷତ୍ୱ ସ୍ପଷ୍ଟ ହୋଇଯାଏ ।

ଖ୍ରୀଷ୍ଟିଆନ୍ ଓ ମୁସଲମାନ୍‌ମାନେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କରନ୍ତି; କିନ୍ତୁ ଏମାନଙ୍କର ମତରେ ସୃଷ୍ଟି ପୂର୍ବରୁ ଈଶ୍ୱରଙ୍କ ବ୍ୟତୀତ ଆଉ କିଛି ନ ଥିଲା । ଏଣୁ ଯେତେବେଳେ ଈଶ୍ୱର ସୃଷ୍ଟି ରଚନା କଲେ ସେତେବେଳେ ସେ ଅସତ୍‌ରୁ ହିଁ ନିର୍ମାଣ କଲେ । କାହିଁକି ରଚନା କଲେ ? କିପରି ରଚନା କଲେ ? କ'ଣ ବର୍ତ୍ତମାନ ରଚନା କରୁଛନ୍ତି ? ଏ ପ୍ରଶ୍ନଗୁଡ଼ିକୁ ସେମାନେ ଆବଶ୍ୟକ ମନେକରନ୍ତି ନାହିଁ । ଏ ଉଭୟ ମତ ଅନୁସାରେ ଆଜି ବି ଅନେକ ପଦାର୍ଥକୁ ଈଶ୍ୱର ନିର୍ମାଣ କରୁଛନ୍ତି । ଯେଉଁ ବସ୍ତୁଗୁଡ଼ିକୁ ଜୀବଗଣ ନିର୍ମାଣ କରନ୍ତି ନାହିଁ, କିନ୍ତୁ ସେଗୁଡ଼ିକ ନିର୍ମାଣ ହେବାର ଦେଖାଯାଏ ସେସବୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ବୋଲି ବିଚାର କରାଯାଇଥାଏ । ଯଥା — ମେଘ ତିଆରି ହେବା, ନୂତନ ଦ୍ୱୀପ-ଦ୍ୱୀପାନ୍ତରଗୁଡ଼ିକ ପ୍ରକଟ ହେବା, ପୃଥିବୀ ଗର୍ଭରେ ଅନେକ ଧାତୁ ସୃଷ୍ଟି ହେବା ଇତ୍ୟାଦି । ଏ ସମସ୍ତର କାରଣ ସତ୍ ଅଟେ, ଅସତ୍ ନୁହେଁ । କେବଳ ଯାଦୁକର ହିଁ ଏହା ଦାବି କରେ ଯେ ସେ ନିମିତ୍ତ ବା ଉପାଦାନ କାରଣ ବ୍ୟତୀତ ପଦାର୍ଥ ତିଆରି କରିଦିଏ । ଯାଦୁକର ରୁପାରେ ମୁଦ୍ରା ତିଆରି କରେ ନାହିଁ, ନିଜର ଖାଲି ହାତରୁ ତିଆରି କରିଦିଏ । ଏହା ହିଁ ତ ଯାଦୁକରର ଯାଦୁକାରୀ । ଈଶ୍ୱରଙ୍କ ବର୍ତ୍ତମାନ ସୃଷ୍ଟିରେ ଏପରି ଯାଦୁକାରୀ ଦେଖିବାକୁ ମିଳେ ନାହିଁ । ସମସ୍ତେ ଜାଣନ୍ତି ଯେ ଯାଦୁକରର ଦାବି ମିଥ୍ୟା ଅଟେ, କେବଳ ହସ୍ତକୌଶଳ ବା ଚତୁରତା । ବାସ୍ତବରେ ସେ ବି ଅସତ୍‌ରୁ ସତ୍‌କୁ ଉତ୍ପନ୍ନ କରେ ନାହିଁ । ଈଶ୍ୱର ଯାହା କିଛି ରଚନା କରନ୍ତି ତା'ର ଉପାଦାନ ଆମକୁ କେଉଁଠି ପ୍ରତ୍ୟକ୍ଷ ଏବଂ କେଉଁଠି ଅନୁମାନ ଦ୍ୱାରା ପ୍ରମାଣିତ ହୋଇଯାଏ, ଯେପରିକି ମେଘ ବାଷ୍ପରୁ ତିଆରି ହୁଏ । ବାଷ୍ପ ସୂର୍ଯ୍ୟଙ୍କ କିରଣ ଦ୍ୱାରା ସମୁଦ୍ର ଜଳରୁ ତିଆରି ହୁଏ । ଏହିପରି ଆମେ ବି ପାତ୍ରରେ ଜଳ ନେଇ ବାଷ୍ପ ତିଆରି କରିପାରିବା ଏବଂ ସେହି ବାଷ୍ପରୁ ଛୋଟ-ଛୋଟ ପାଣି ବୁନ୍ଦା ବର୍ଷା କରିପାରିବା । ଏହିପରି ଭାବେ ଏହି କଥା ସ୍ପଷ୍ଟ ଯେ ଈଶ୍ୱର ଆଜିକାଲିର

# अन्तर्राष्ट्रीय आर्य महासम्मेलन

## 25, 26, 27, 28 अक्टूबर 2018

सम्मेलन स्थल :- **स्वर्ण जयंती पार्क, रोहिणी, सैक्टर-10, दिल्ली-85**

विश्व शान्ति यज्ञ, योग व तपोनिष्ठ संन्यासियों, वैदिक विद्वानों द्वारा सत्संग तथा प्रवचन का लाभ उठाने हेतु लाखों की संख्या में भाग लेकर कार्यक्रम को सफल बनायें।

सम्मेलन कार्यालय : दिल्ली आर्य प्रतिनिधि सभा, 15 हनुमान रोड, नई दिल्ली-1 दूरभाष : 9540029044
E-mail : aryasabha@yahoo.com, Website : www.aryamahasammelan.org, www.thearyasamaj.org




ओ३म् YouTube : thearyasamaj 9540045898 ओ३म्

दिल्ली चलो !

## प्रमुख आकर्षण

चलो दिल्ली !!

★ **मुख्य पंडाल :** विश्वभर से पधारे विद्वानों, कार्यकर्ताओं, अधिकारियों एवं आमंत्रित अतिथियों द्वारा राष्ट्र व विश्व के समक्ष मौजूदा समस्याओं के वैदिक समाधान तथा आर्य समाज के विश्व व्यापी संगठन के वर्तमान कार्यों की जानकारी। साथ ही भविष्य के आर्य समाज के नए स्वरुप का प्रस्तुतिकरण।

★ **अनुषंगी हॉल :** मुख्य पंडाल के अतिरिक्त अनेक अलग-अलग हॉल में विभिन्न आयु/भाषा/रुचि वाले आगंतुकों हेतु अलग- अलग विषयों पर विशेष व्याख्यान, चर्चाएं, शंका समाधान, चलचित्र आदि के कार्यक्रम चलते रहेंगें।

★ **आर्य प्रकाशक हॉल :** वैदिक धर्म एवं आर्यसमाज से सम्बन्धित साहित्य प्रकाशित करने वाले विश्वभर के आर्य प्रकाशकों का विराट संगम यहां होगा जिसमें एक लेखक मंच भी होगा जहां नए-नए लेखक एवं प्रकाशक अपनी कृतियों का परिचय देंगे।

★ **विचार टीवी मूवी हॉल :** 100 से अधिक फिल्मों का प्रदर्शन किया जाएगा।

★ **सांस्कृतिक कार्यक्रम हॉल :** आर्य समाज के इतिहास की सत्य घटनाओं का रोमांचक नाटिकाओं के माध्यम से प्रदर्शन।

★ **विभिन्न भाषा हॉल :** विश्व भर से पधारे विद्वानों द्वारा उनकी स्थानीय भाषाओं में प्रवचन।

★ **भजनोपदेश हॉल :** विश्व भर से पधारे भजनोपदेशकों द्वारा पूर्णकालिक भजन प्रस्तुति।

★ **गुरुकुल हॉल :** आर्ष गुरुकुलों की परम्परा एवं संस्कृति प्रदर्शित करते पूर्णकालिक हॉल।

★ **शंका समाधान हॉल :** सुयोग्य विद्वानों द्वारा आगंतुकों की शंका का समाधान करने हेतु पूर्णकालिक हॉल।

★ **प्रतियोगिताएं :** गुरुकुलों एवं आर्य विद्यालयों के विद्यार्थियों हेतु पूर्णकालिक प्रतियोगिता हॉल।

★ **विश्व आर्य समाज हॉल :** विभिन्न देशों से पधारे आर्य जनों द्वारा उनके देशों में चल रही आर्य समाज की गतिविधियों को जानने का स्वर्णिम अवसर।

★ **पर्यावरण एवं यज्ञ विज्ञान हॉल:** पर्यावरण एवं यज्ञ के परस्पर वैज्ञानिक सम्बन्ध को दर्शाने हेतु विशेष हॉल।

★ **यज्ञशाला :** भव्य, सुन्दर, आदर्श शिल्प का नमूना, जिसे देखकर मन रोमांच से भर जाए।

★ **लघु गुरुकुल :** प्राचीन काल के गुरुकुल के सुन्दर दृश्य की जीवंत झांकी।

★ **पूर्णकालिक यज्ञ :** मुख्य यज्ञशाला के अतिरिक्त एक ऐसी यज्ञशाला भी होगी जहां निरन्तर यज्ञ होता रहेगा। आगन्तुक जब चाहें तब जाकर अपने परिवार/मित्रों के साथ यज्ञ कर सकते हैं। महासम्मेलन की वेबसाईट पर अपनी सुविधानुसार समय व स्थान आरक्षित करवाएं।

★ **ध्यान-योग :** प्रतिदिन प्रात: खुले मैदान में योग साधना, प्राणायाम एवं ध्यान की क्रियाओं का प्रशिक्षण। इसके उपरान्त ध्यान एवं योग साधना कक्षों में समय-समय पर विभिन्न विद्वानों द्वारा चर्चाएं एवं साधनाएं।

★ **सामूहिक यज्ञ प्रदर्शन :** इस बार विशेष रूष से विश्व इतिहास में पहली बार 10 हजार बच्चों, युवाओं एवं आर्यजनों द्वारा एक साथ सामूहिक रूप से एक रूपीय यज्ञ प्रदर्शन कार्यक्रम करने का प्रयास होगा।

★ **आर्य वीर दल शाखा :** प्रतिदिन प्रात: आर्य समाज की युवाशक्ति का नयनाभिराम दर्शन।

★ **भव्य व्यायाम कला प्रदर्शन :** देश के विभिन्न राज्यों से आर्य वीर दल एवं आर्य वीरांगना दल के चयनित आर्यवीरों/आर्य वीरांगनाओं द्वारा अद्भुत, अदम्य साहस से परिपूर्ण कलाओं का प्रदर्शन। व्यायाम, भाला, तलवारबाजी, लाठी, नानचक, जुडो, कराटे, आत्म रक्षा तकनीकों आदि का प्रदर्शन।

★ **नुक्कड़ नाटक :** समसामयिक विषयों पर समाज में जागरूकता लाने हेतु खुले मंच पर नुक्कड़ नाटकों का मंचन।

★ **अन्धविश्वास निवारण हॉल :** योग्य जादूगर द्वारा चमत्कारों का भंडाफोड़।

★ **विश्वमार्यम हॉल :** सूचना प्रौद्योगिकी के क्षेत्र में आर्य समाज की कार्य एवं गतिविधियों की जानकारी देने हेतु विशेष हॉल।

★ **गौशाला :** एक आदर्श वैदिक परम्परा के नगर की संकल्पना जिसमें दुधारु गऊओं की गौशाला होगी।

# व्यवस्थाएँ – सुविधाएँ एवं मुख्य आकर्षण

★ **वैवाहिक परिचय सम्मेलन :** महासम्मेलन में एक दिन समस्त आर्यजगत के लिए आर्य परिवारों के विवाह योग्य युवक-युवतियों का वैवाहिक परिचय सम्मेलन आयोजित किया जाएगा। आप भी अपने विवाह योग्य बच्चों का पंजीकरण वेबसाइट पर कराएं। www.matrimony.thearyasamaj.org

★ **प्रदर्शनी :** आर्यसमाज के इतिहास एवं सिद्धान्तों, संगठन, कर्तव्यों, घटनाओं का प्रदर्शन चित्र दीर्घा के माध्यम से होगा।

★ **लेजर शो :** महासम्मेलन में एक दिन सायंकाल महर्षि दयानन्द, आर्यसमाज, इतिहास, वर्तमान, भविष्य की संकल्पना लिए एक अद्‌भुत प्रेरक कार्यक्रम जो चमकेगा सितारों के बीच आकाशवाणी की तरह।

★ **सुन्दर सजावट :** पूरे महासम्मेलन स्थल के विभिन्न स्थानों पर भिन्न-भिन्न प्रकार की सुन्दर यादगार रखने लायक सजावट की जाएगी।

★ **विभिन्न सांस्कृतिक विरासतों का प्रदर्शन :** महासम्मेलन के अवसर पर विभिन्न आदिवासी क्षेत्रों से पधारे आर्य कार्यकर्ताओं द्वारा विभिन्न क्षेत्रीय सांस्कृतिक विरासतों का दर्शनीय प्रदर्शन।

★ **साहित्य बाजार :** विश्वभर के वैदिक साहित्य के प्रकाशकों द्वारा प्रकाशित वैदिक साहित्य तथा प्रचार सामग्री के क्रय की सुविधा रहेगी। पुस्तकों पर 10% की अनिवार्य छूट दी जाएगी।

★ **रिकॉर्डिंग स्टूडियो :** विश्व के कोने-कोने से पधारे विद्वानों, भजनोपदेशकों एवं कार्यकर्ताओं के विडियो रिकॉर्ड करने की महासम्मेलन स्थल पर ऑडियो - वीडियो रिकॉर्डिंग स्टूडियो।

★ **स्मारिका :** एक भव्य स्मारिका का प्रकाशन किया जाएगा जिसमें सुन्दर, प्रेरणास्पद लेख, कविताएं एवं रचनाओं के साथ-साथ विभिन्न आर्य संस्थाओं, सहयोगी संगठनों, शुभचिन्तकों के आशीर्वाद, शुभकामना सन्देश भी प्रकाशित किए जाएंगे। यदि आप अपने परिवारी जनों, प्रियजनों की स्मृति में सन्देश प्रकाशित कराना चाहें तो करा सकते हैं। अपेक्षित शुल्क राशि देय होगी।

## सुविधाएँ एवं व्यवस्थाएँ

★ **पंजीकरण :** अन्तर्राष्ट्रीय आर्य महासम्मेलन में भाग लेने के लिए पधारने वाले समस्त आर्यजनों को महासम्मेलन में व्यवस्था एवं सुरक्षा की दृष्टि से पंजीकरण करवाना अनिवार्य है। महासम्मेलन स्थल के मुख्य द्वार पर ही प्रत्येक आगंतुक को प्रवेश/पहचान पत्र जारी किया जाएगा। वेबसाईट पर अग्रिम पंजीकरण करवाकर आने वाले आगंतुकों की पंजीकरण प्रक्रिया शीघ्र पूर्ण हो जाएगी।

★ **आवास :** पधारने वाले समस्त आर्यजनों के आवास की निःशुल्क व्यवस्था प्रान्त के अनुसार धर्मशालाओं, विद्यालयों, आर्य समाजों एवं महासम्मेलन स्थल पर बनाए गए टैंटों के विभिन्न ब्लॉकों में होगी। होटल एवं महासम्मेलन स्थल पर सशुल्क आवास में ठहरने की सुविधा महासम्मेलन से पूर्व अग्रिम राशि जमा कराने पर उपलब्ध होगी। इस सुविधा हेतु फार्म महासम्मेलन वेबसाईट पर उपलब्ध है। वेबसाईट पर भी होटल ऑनलाईन बुक किया जा सकता है।

★ **भोजन :** महासम्मेलन स्थल पर 24 से 28 अक्टूबर तक चौबीसों घण्टे भोजन की निःशुल्क व्यवस्था रहेगी।

★ **परिवहन :** दिल्ली के प्रमुख रेलवे स्टेशनों तथा बस अड्डों से महासम्मेलन स्थल पर पहुंचाने तथा महासम्मेलन के अन्तिम दिन महासम्मेलन स्थल से रेलवे स्टेशनों- नई दिल्ली, पुरानी दिल्ली, निजामुद्दीन, आनन्द विहार, सराय रोहिल्ला बस अड्डों- कश्मीरी गेट, आनन्द विहार, सराय काले खां आदि स्थानों के लिए बसों की निःशुल्क व्यवस्था रहेगी।

★ **भ्रमण :** महासम्मेलन के अन्तिम दिन तथा उससे अगले दिन दिल्ली भ्रमण तथा विशेषकर उत्तर भारत के पर्यटन स्थलों के भ्रमणार्थ बसों की व्यवस्था अपेक्षित शुल्क पर उपलब्ध रहेगी।

★ **महासम्मेलन बैंक :** सुरक्षा की दृष्टि से महासम्मेलन स्थल पर बैंक लॉकर की व्यवस्था रहेगी। जिसमें आप अपनी नकदी एवं कीमती सामान जमा कर सकेंगे।

★ **एटीएम :** चल एटीएम की सुविधा रहेगी। आवश्यकता होने पर पैसे निकाल सकेंगे।

★ **कैन्टीन :** महासम्मेलन में निःशुल्क भोजन के अतिरिक्त कैन्टीन भी होगी जहां पर आगंतुक अपनी इच्छा एवं स्वादानुसार सःशुल्क चाय, नाश्ता, स्नैक्स, लंच, डिनर आदि का आनन्द ले सकेंगे।

★ **स्नानागार व शौचालय :** आगंतुकों के लिए स्नानागार एवं शौचालय की निःशुल्क एवं सशुल्क दोनों व्यवस्थाएं उपलब्ध रहेगी।

★ **स्वच्छ पेयजल :** पेय जल की निःशुल्क व्यवस्था के साथ जल एटीएम, बोतलें एवं गिलास की सशुल्क सुविधा (न्यूनतम मूल्यों पर) उपलब्ध रहेगी।

★ **चिकित्सा सुविधा :** महासम्मेलन स्थल पर प्राथमिक चिकित्सा एवं आपातकालीन व्यवस्था उपलब्ध रहेगी। 24 घण्टे एम्बूलेंस की व्यवस्था भी रहेगी।

★ **स्वास्थ्य जांच :** सब सन्यासियों, विद्वानों एवं कार्यकर्ताओं की निःशुल्क स्वास्थ्य जांच।

★ **अमानती सामान घर :** आर्यजनों को अपना अतिरिक्त सामान अपने साथ-साथ लिए न घूमना पड़े इस हेतु महासम्मेलन स्थल पर ही अमानती सामान घर की सुविधा उपलब्ध रहेगी।

★ **खोया-पाया विभाग :** महासम्मेलन स्थल पर कोई सामान आपको पड़ा मिले तो उसे खोया-पाया विभाग में जमा करा कर आर्यत्व का परिचय देवें, जिससे वह सामान उचित व्यक्ति को प्राप्त हो सके।

★ **स्मृति चित्र :** अपना स्मृति फोटो खिंचवा कर उसे फोटो फ्रेम के साथ सशुल्क प्राप्त करें।

★ **चार्जिंग स्टेशन :** आर्यजनों की सुविधार्थ मोबाईल एवं लैपटॉप चार्ज करने के लिए निःशुल्क तथा सशुल्क सुविधा उपलब्ध होगी।

★ **मोबाईल रिचार्ज :** महासम्मेलन स्थल पर सभी मोबाइल कम्पनियों के मोबाइल रिचार्ज की सुविधा उपलब्ध रहेगी।

★ **सी.सी.टी.वी. :** सुरक्षा व्यवस्था को दृष्टिगत रखते हुए सम्पूर्ण महासम्मेलन स्थल तथा आस-पास की गतिविधियों को रिकार्ड करने के लिए सी.सी.टी.वी. कैमरों की व्यवस्था की गई है।

★ **साइबर कैफे :** आगंतुकों के प्रयोगार्थ साइबर कैफे एवं फोटोकापी की सशुल्क सुविधा उपलब्ध रहेगी।

★ **सीधा प्रसारण :** अन्तर्राष्ट्रीय आर्य महासम्मेलन के उद्‌घाटन, समापन, आर्य वीर दल प्रदर्शन तथा सभी प्रमुख आयोजनों का विभिन्न टीवी चैनलों, महासम्मेलन वेबसाइट एवं सोशल मीडिया पर सीधा प्रसारण किया जाएगा।

★ **व्हील चेयर :** व्हील चेयर केवल धरोहर राशि पर उपलब्ध रहेगी।

★ **बच्चों सम्बन्धी सुविधाएं :** छोटे बच्चों की हाथ गाड़ी (pram) केवल धरोहर राशि पर उपलब्ध रहेगी।

**समस्त सुधी पाठकों, आर्यजनों, आर्यसमाज, आर्यसंस्थाओं, आर्य शिक्षण संस्थाओं, गुरुकुलों तथा प्रान्तीय आर्य प्रतिनिधि सभाओं के समस्त अधिकारियों, सदस्यों, आचार्यों एवं विद्यार्थियों से निवेदन है कि अपने मोबाइल कैमरे से इस पृष्ठ की फोटो खींचकर विभिन्न माध्यमों व्हाट्एप्प, टेलिग्राम, ट्वीटर, फेसबुक आदि माध्यमों से जन-साधारण में प्रचारित-प्रसारित करके अधिकाधिक संख्या में अन्तर्राष्ट्रीय आर्य महासम्मेलन दिल्ली के अवसर पर पहुंचकर संगठन शक्ति का परिचय एवं विभिन्न वैदिक विद्वानों, संन्यासीवृन्दों एवं भजनोपदेशकों के भजन-प्रवचन एवं आशीर्वाद का लाभ प्राप्त करने के लिए प्रेरित करें। – *संयोजक***

## विशेष निवेदन

महासम्मेलन में पधारने वाले समस्त आर्य बन्धुओं से निवेदन है कि अपने पधारने की पूर्व सूचना (आवास, भोजन एवं परिवहन की व्यवस्था में सुविधा की दृष्टि से) यथाशीघ्र अवश्य भेजें ताकि तदनुरूप व्यवस्थाएं बनाई जा सकें। महासम्मेलन सम्बन्धी विस्तृत जानकारियाँ एवं अग्रिम पंजीकरण की सुविधा महासम्मेलन की वेबसाइट www.aryamahasammelan.org पर उपलब्ध है।

हमारा प्रयास है कि हम समस्त श्रद्धालुओं को बेहतर सुविधा एवं वातारण दे पायें जिससे कि वे सब तरफ से ध्यान हटाकर महासम्मेलन में विद्वान वक्ताओं द्वारा दिए जाने वाले उद्‌बोधनों का ध्यानपूर्व श्रवण-मनन करके अपने-अपने क्षेत्रों में जाकर उसकी भावना, उन्हीं विचारों को प्रतिपादित कर सकें।

इस महासम्मेलन का उद्देश्य आर्यसमाज के संगठन को शक्तिशाली बनाना सभी आर्यजनों को अपने कार्यकर्ताओं के प्रति जागृत करना तथा वर्तमान सभी ज्वलन्त समस्याओं पर आर्यसमाज की महत्वपूर्ण भूमिका का निर्धारण करना है जिसमें आप सभी की सक्रिय सहभागिता अपेक्षित है।

आशा ही नहीं पूर्ण विश्वास है कि महासम्मेलन को व्यवस्थित, सुन्दर एवं सफल बनाने में हमें आपका पूर्ण सहयोग, सद्‌भाव अवश्य ही प्राप्त होगा, जिससे हम और आप मिलकर इस महासम्मेलन को एक यादगार, प्रेरक एवं उर्जावान स्मृति बना सकेंगे।

सुविधा की दृष्टि से आगन्तुक आर्य बन्धु (ग्रुप) में अपना विवरण पहले भेज देंगे तो उन्हें पहचान पत्र तैयार मिल जाएंगे।

अन्तर्राष्ट्रीय आर्य महासम्मेलन की व्यवस्थाओं में आपका आर्थिक सहयोग सादर अपेक्षित है। कृपया अपनी सहयोग राशि का चैक/बैंक ड्राफ्ट **"दिल्ली आर्य प्रतिनिधि सभा - महासम्मेलन-2018"** के नाम बनाकर **"संयोजक, अन्तर्राष्ट्रीय आर्य महासम्मेलन, आर्यसमाज, 15 हनुमान रोड, नई दिल्ली-110001"** के पते पर भेजें। **महासम्मेलन सहयोग हेतु दिया गया दान आयकर अधिनियम की धारा 80जी के अन्तर्गत आयकर छूट प्राप्त है।**

★ **मातृ सुविधा गृह :** 3 वर्ष तक के बालक के साथ माता के विश्राम तथा शिशु पालन सम्बन्धी सुविधाओं के साथ निःशुल्क हाल की व्यवस्था होगी।

★ **बच्चों का कोना :** 6 से 12 वर्ष तक के बच्चों के मनोरंजन, खेलकूद, फिल्म दिखाने की पूरी सुविधा होगी।

★ **महासम्मेलन स्मृति चिन्हों की नीलामी :** महासम्मेलन समापन के पश्चात् महासम्मेलन में सज्जा हेतु बनवाई गई सुंदर वस्तुओं को स्मृति चिन्ह के रुप में घर ले जाने हेतु उनकी नीलामी की जायेगी। नीलामी हेतु वस्तुओं की सूची फोटो सहित वेबसाइट पर 24 अक्तूबर 2018 से उपलब्ध रहेगी।

★ **विशाल आर्य वीर दल सेवा शिविर :** महासम्मेलन में विभिन्न व्यवस्था कार्यो को सम्भालने वाले हजारों आर्य वीरों एवं आर्य वीरांगनाओं हेतु महासम्मेलन परिसर में विशाल आर्य वीर दल सेवा शिविर आयोजित किया जायेगा।

★ **संन्यास एवं वानप्रस्थ दीक्षा :** संन्यास एवं वानप्रस्थ आश्रम की दीक्षा प्रदान करने के लिए महासम्मेलन में विशेष सुविधा रहेगी।

★ **वैदिक संस्कार :** महासम्मेलन स्थल पर विशेष यज्ञ शाला में विभिन्न वैदिक संस्कार कराने हेतु सुंदर व्यवस्था रहेगी।

★ **सोशल मीडिया कार्य प्रशिक्षण :** महासम्मेलन में सोशल मीडिया पर कार्य करने हेतु विशेष प्रशिक्षण देने की व्यवस्था की जाएगी।

★ **यज्ञ प्रशिक्षण कक्षा :** यज्ञ करने की सही विधि का प्रशिक्षण देने हेतु विशेष कक्षाओं का आयोजन किया जायेगा।

★ **प्रतिनिधित्व :** भारत के लगभग सभी राज्यों के साथ-साथ विश्व के लगभग 32 देशों के आर्यजनों का इस महासम्मेलन में प्रतिनिधित्व करने का अनुमान है।

### निवेदक

| (महाशय धर्मपाल) | (सुरेशचन्द्र आर्य) | (प्रकाश आर्य) | (धर्मपाल आर्य) |
|---|---|---|---|
| अध्यक्ष<br>स्वागत समिति | प्रधान<br>सार्वदेशिक आर्य प्रतिनिधि सभा | मन्त्री<br>सार्वदेशिक आर्य प्रतिनिधि सभा | महासम्मेलन संयोजक<br>प्रधान, दिल्ली आ.प्र. सभा |
| 011-25937987 | 09824072509 | 09826655117 | 09810061763 |

ଓଡ଼ିଶାରୁ ଭାଗନେବାକୁ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ -

**ଶ୍ରୁତିନ୍ୟାସ**

| ପଦ୍ମନାଭ ସ୍ୱାଇଁ | ଦୁଷ୍ମନ୍ତ ସ୍ୱାଇଁ | ଆନନ୍ଦ ସାମନ୍ତରାୟ | ପଙ୍କଜ ମେହେର |
|---|---|---|---|
| ୯୮୬୧୩୩୫୩୨୧ | ୯୪୩୯୦୦୬୨୭୦ | ୮୨୮୦୧୮୯୨୨୯ | ୯୪୩୭୧୧୮୯୫୧ |

କୌଣସି ବସ୍ତୁ ବିନା ଉପାଦାନରେ ଅସତ୍‌ରୁ ତିଆରି କରନ୍ତି ନାହିଁ । ଯଦି ଈଶ୍ୱରଙ୍କଠାରେ ଅସତ୍‌ରୁ ସତ୍ ଉତ୍ପନ୍ନ କରିବାର ଶକ୍ତି ଥାଆନ୍ତା, ତେବେ ସେ ଆଜି ବି କରୁଥାନ୍ତେ । ଏଣୁ ଅସତ୍‌ରୁ ସତ୍‌ର ନିର୍ମାଣକର୍ତ୍ତାଙ୍କୁ ଆମ ମତରେ ଈଶ୍ୱର ବୋଲି ସ୍ୱୀକାର କରାଯାଇ ନାହିଁ । ଅସତ୍‌ରୁ ସତ୍‌ର ନିର୍ମାଣକର୍ତ୍ତା ଈଶ୍ୱରଙ୍କୁ ମାନି ଲୋକେ ନିଜ ନିଜ ମତର ସିଦ୍ଧ ବ୍ୟକ୍ତିଙ୍କ ବିଷୟରେ ଏହିପରି କାହାଣୀ ସବୁ ଗଢ଼ି ରଖିଛନ୍ତି । ଏସବୁ କାହାଣୀ ମୂର୍ଖଙ୍କ ଉପରେ ପ୍ରଭାବ ଉତ୍ପନ୍ନ କରିବା ପାଇଁ ରହିଛି । ଯଦି ଈଶ୍ୱର ଅସତ୍‌ରୁ ସୃଷ୍ଟି ରଚନା କରିବେ ତେବେ ନାସ୍ତିକମାନଙ୍କର ଏହି ଆକ୍ଷେପ ଠିକ୍ ସିଦ୍ଧ ହେଉଛି କି ଈଶ୍ୱରଙ୍କର କ'ଣ ଆବଶ୍ୟକତା ହୁଏ ଯେ ସେ ସୃଷ୍ଟି ରଚନା କରି ନିଜେ ବନ୍ଧନରେ ପଡ଼ନ୍ତି ଓ ଅନ୍ୟମାନଙ୍କ ପାଇଁ ବନ୍ଧନର ଚକ୍ର ସ୍ଥାପନ କରିଦିଅନ୍ତି ?

ଏହି ଆକ୍ଷେପରୁ ବଞ୍ଚିବା ପାଇଁ ଅଦ୍ୱୈତବାଦୀମାନେ ଈଶ୍ୱରଙ୍କର କର୍ତ୍ତୃତ୍ୱକୁ ନିଷେଧ କରିଛନ୍ତି । ସୃଷ୍ଟି ମାୟା ଅଟେ, ଅବିଦ୍ୟା ଅଟେ, ବିବର୍ତ୍ତ ଅଟେ । ବିବର୍ତ୍ତର ନିର୍ମାତା କିଏ ? **'ଅତାତ୍ତ୍ୱିକୋଽନ୍ୟଥା ଭାବୋ ବିବର୍ତ୍ତ ଇତି ଉଚ୍ୟତେ'** — ଯେଉଁ ବସ୍ତୁ ନଥାଏ, କିନ୍ତୁ ଥିବା ଭଳି ପ୍ରତୀତ ହୁଏ, ତାହାର ନାମ ବିବର୍ତ୍ତ । ଜଳରୁ ବରଫ ତିଆରି ହେବା ବିବର୍ତ୍ତ ନୁହେଁ । ବରଫ ନ ଥାଇ ବରଫ ଥିବାର ଭ୍ରାନ୍ତି ହେବା ହେଉଛି ବିବର୍ତ୍ତ । ଏଣୁ ଯଦି ସୃଷ୍ଟିକୁ ବିବର୍ତ୍ତ ବୋଲି ମାନି ନିଆଯାଏ, ତେବେ ଈଶ୍ୱରଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଯାହା ଆକ୍ଷେପ କରାଯାଉଛି ତାହାର ସମାପ୍ତି ହୋଇଯାଏ; କିନ୍ତୁ ଏହି ପ୍ରକାର ଆକ୍ଷେପ ନିବୃତ୍ତିରେ କାମ ଚଳେ ନାହିଁ । ଉପନିଷଦମାନଙ୍କର ମତ ଏହା ନୁହେଁ । ଉପନିଷଦରେ ସ୍ପଷ୍ଟ କୁହାଯାଇଛି —

**ଯଦା ପଶ୍ୟଃ ପଶ୍ୟତେ ରୁକ୍ମବର୍ଣ୍ଣଂ କର୍ତ୍ତାରମୀଶଂ ପୁରୁଷଂ ବ୍ରହ୍ମଯୋନିମ୍ ।**
**ତଦା ବିଦ୍ୱାନ୍ ପୁଣ୍ୟପାପେ ବିଧୂୟ ନିରଞ୍ଜନଃ ପରମଂ ସାମ୍ୟମୁପୈତି ॥**

(ମୁଣ୍ଡକ. ୩:୧:୩)

ଏଠାରେ ଈଶ୍ୱରଙ୍କୁ କର୍ତ୍ତା ବୋଲି କୁହାଯାଇଛି । ବିବର୍ତ୍ତର କୌଣସି କର୍ତ୍ତା ନଥାନ୍ତି । ବିବର୍ତ୍ତର କର୍ତ୍ତାକୁ ମୂର୍ଖ ଏବଂ ଅଜ୍ଞାନ କୁହାଯାଇପାରେ । ଯେଉଁଠି ତୁଳା ନାହିଁ, ସେଠାରେ ତୁଳା ଦେଖାଯାଏ ତ ସେପରି ଦେଖିବା ବ୍ୟକ୍ତିକୁ ଭ୍ରାନ୍ତ ଏବଂ ମୂର୍ଖ ହିଁ ତ କୁହାଯିବ ।

ବୋଧହୁଏ ବେଦାନ୍ତୀମାନେ ଜୈନମାନଙ୍କର ଆକ୍ଷେପରୁ ରକ୍ଷା ପାଇବା ପାଇଁ ଏପରି କଳ୍ପନା କରିନେଲେ । ଏମାନେ କହିଥାନ୍ତି ଯେ ଈଶ୍ୱର ଦ୍ରଷ୍ଟା ଅଟନ୍ତି, କର୍ତ୍ତା ନୁହନ୍ତି । ଋଗ୍‌ବେଦର ଏକ ପ୍ରସିଦ୍ଧ ମନ୍ତ୍ର **'ଦ୍ୱା ସୁପର୍ଣ୍ଣା'** ରେ **'ଅଭିଋକଶୀତି'** ଶବ୍ଦ ଆସୁଛି । ତାହାର ଅର୍ଥ କର୍ତ୍ତୃତ୍ୱହୀନ ଦ୍ରଷ୍ଟା ନିଆଯାଇଛି । କିନ୍ତୁ ସେ କ'ଣ ଈଶ୍ୱର ହେବେ ଏବଂ ତାଙ୍କର ସିଦ୍ଧି ଏହି ସୃଷ୍ଟିରେ କିପରି ହେବ ଯିଏ କେବଳ ଦେଖନ୍ତି, କର୍ତ୍ତବ୍ୟ କିଛି କରନ୍ତି ନାହିଁ ? କ'ଣ ସେ ଦୟାଳୁ ହେବେ ? କ'ଣ ସେ ନ୍ୟାୟକାରୀ ହେବେ ? କ'ଣ ସେ ସର୍ବଜ୍ଞ ହେବେ ? କେବଳ 'ଦ୍ରଷ୍ଟୃତ୍ୱ'ର ଅର୍ଥ କ'ଣ ? ବସ୍ତୁତଃ **'ଅଭିଚାକଶୀତି'**ର ଅର୍ଥ ହେଉଛି ବ୍ୟବସ୍ଥାପକ, ଯାହାକୁ ଇଂରାଜୀରେ ଓଭରସିଅର (Overseer) କହନ୍ତି । ମନ୍ତ୍ରରେ 'କର୍ତ୍ତୃତ୍ୱ'ର ନିଷେଧ ନାହିଁ, 'ଭୋକ୍ତୃତ୍ୱ'ର ନିଷେଧ ରହିଛି । ଜୀବ ଏବଂ ବ୍ରହ୍ମର ପ୍ରଭେଦ ଉଲ୍ଲେଖ କରି ବେଦରେ କୁହାଯାଇଛି କି ଜୀବ ଭୋକ୍ତା ଅଟେ, ବ୍ରହ୍ମ ଭୋକ୍ତା ନୁହନ୍ତି । ଜୈନମାନେ କର୍ତ୍ତା ଈଶ୍ୱରଙ୍କୁ ନିଷେଧ କରନ୍ତି ଯଦ୍ଦ୍ୱାରା ମୋହ ଆଦି ଆକ୍ଷେପରୁ ଉଦ୍ଧାର ମିଳିବ । କିନ୍ତୁ ସେମାନେ ଚେତନ ଜୀବର ସତ୍ତାକୁ ନିଷେଧ କରନ୍ତି ନାହିଁ କି ଜୀବର କର୍ତ୍ତୃତ୍ୱକୁ ମଧ୍ୟ ନୁହେଁ । କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ଯଦି ଜଗତର ଭିନ୍ନ-ଭିନ୍ନ କାର୍ଯ୍ୟ ପାଇଁ ଈଶ୍ୱରଙ୍କ ଆବଶ୍ୟକତା ନାହିଁ ତେବେ ଶରୀରର ଭିନ୍ନ-ଭିନ୍ନ ବ୍ୟାପାର ପାଇଁ ଚେତନ ଜୀବର ଆବଶ୍ୟକତା କ'ଣ ?

**ଅବଶିଷ୍ଟାଂଶ ପୃଷ୍ଠା-୧୫ରେ...**

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

**ପ୍ରଶ୍ନ —** ଈଶ୍ୱର ନିରାକାର, ସେ ଧ୍ୟାନରେ ଦେଖାଯାଇପାରିବେ ନାହିଁ । ଏଣୁ ମୂର୍ତ୍ତି ରହିବା ଏକାନ୍ତ ଆବଶ୍ୟକ । ଆରେ ବାବା ! ଆଉ କିଛି ନ ହେଲେ ବି ଯେତେବେଳେ ମୂର୍ତ୍ତି ସମ୍ମୁଖକୁ ଯାଉଛନ୍ତି ପରମେଶ୍ୱରଙ୍କୁ ଟିକେ ସ୍ମରଣ ତ କରନ୍ତି ଓ ତାଙ୍କ ନାମ ନିଅନ୍ତି ।

**ଉତ୍ତର —** ଯେହେତୁ ପରମେଶ୍ୱର ନିରାକାର ଓ ସର୍ବବ୍ୟାପକ, ତେଣୁ ତାଙ୍କ ମୂର୍ତ୍ତି ହିଁ ତିଆରି ହୋଇପାରିବ ନାହିଁ । ଦ୍ୱିତୀୟତଃ, ମୂର୍ତ୍ତିର ଦର୍ଶନ ମାତ୍ରକେ ଯଦି ପରମେଶ୍ୱର ସ୍ମରଣ ଆସନ୍ତି, ତେବେ ପରମେଶ୍ୱରଙ୍କ ଦ୍ୱାରା ନିର୍ମିତ ପୃଥିବୀ, ଜଳ, ଅଗ୍ନି, ବାୟୁ, ବନସ୍ପତି ଆଦି ଅନେକ ପଦାର୍ଥ, ଯେଉଁଥିରେ କି ଈଶ୍ୱରଙ୍କ ଅଦ୍ଭୁତ କଳା-କୌଶଳ ପରିପୂର୍ଣ୍ଣ ହୋଇରହିଛି, ଏପରି ରଚନା କୌଶଳଯୁକ୍ତ ପରମେଶ୍ୱର-ନିର୍ମିତ ପାହାଡ଼-ପର୍ବତ, ପୃଥିବୀ ଆଦି ମହାମୂର୍ତ୍ତି ସବୁ, ଯେଉଁ ପାହାଡ଼ ଆଦି ମହାମୂର୍ତ୍ତିରୁ କି ମନୁଷ୍ୟକୃତ ଛୋଟ ମୂର୍ତ୍ତିଗୁଡ଼ିକ ତିଆରି ହେଉଛି, ସେ ମହାମୂର୍ତ୍ତିଗୁଡ଼ିକୁ ଦେଖି କ'ଣ ପରମେଶ୍ୱରଙ୍କ ସ୍ମରଣ ହୋଇପାରିବ ନାହିଁ ? ତୃତୀୟରେ, ତୁମେ ଯେଉଁ କଥା କହୁଛ ଯେ ମୂର୍ତ୍ତିକୁ ଦେଖିଲେ ପରମେଶ୍ୱରଙ୍କ ସ୍ମରଣ ଆସିଥାଏ, ତୁମର ଏ କଥନ ସର୍ବଥା ଅନୁଚିତ । କାରଣ ଯଦି ମୂର୍ତ୍ତି ଆଦି ଅନ୍ୟ କୌଣସି ପଦାର୍ଥ ଦେଖିଲେ ପରମେଶ୍ୱରଙ୍କ ସ୍ମରଣ କରାଯାଏ, ତେବେ ଯେତେବେଳେ ସେ ମୂର୍ତ୍ତିଟି ସାମ୍ନାରେ ନ ରହିବ ସେତେବେଳେ ପରମେଶ୍ୱର ବି ସ୍ମୃତିରେ ରହିବେ ନାହିଁ, ପରମେଶ୍ୱରଙ୍କୁ ଭୁଲିଯାଇହେବ ଏବଂ ମନୁଷ୍ୟ ପରମେଶ୍ୱରଙ୍କୁ ଭୁଲିଗଲେ ଏକାନ୍ତ ସ୍ଥିତି ଦେଖି ଚୋରି, ବ୍ୟଭିଚାର ଆଦି କୁକର୍ମ କରିବାରେ ପ୍ରବୃତ୍ତ ବି ହୋଇପାରେ । କାରଣ ସେ ଜାଣେ ଯେ ବର୍ତ୍ତମାନ ଏଠାରେ ମୋତେ କେହି ଦେଖୁନାହାନ୍ତି । ଏଣୁ ସେ ଅନର୍ଥ କରିବାକୁ ପଶ୍ଚାଦ୍‌ପଦ ହୁଏ ନାହିଁ । ଏଭଳି ଅନେକ ଦୋଷ ପାଷାଣାଦି ମୂର୍ତ୍ତି ପୂଜା କରିବା ଦ୍ୱାରା ହୋଇଥାଏ ।

ବର୍ତ୍ତମାନ ଆଉ ଗୋଟିଏ କଥା ଦେଖନ୍ତୁ ! ଯିଏ ପାଷାଣାଦି ମୂର୍ତ୍ତିକୁ ପରମେଶ୍ୱର ବୋଲି ନ ମାନି ସର୍ବଦା ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ନ୍ୟାୟକାରୀ, ପରମାତ୍ମାଙ୍କୁ ସର୍ବତ୍ର ବିଦ୍ୟମାନ ବୋଲି ଜାଣେ ଓ ମାନେ, ସେହି ବ୍ୟକ୍ତି ସର୍ବତ୍ର ସର୍ବଦା ପରମେଶ୍ୱରଙ୍କୁ ସମସ୍ତଙ୍କ ଭଲ-ଖରାପ କର୍ମର ଦ୍ରଷ୍ଟା ଜାଣି ଏକ କ୍ଷଣ ପାଇଁ ବି ପରମେଶ୍ୱରଙ୍କଠାରୁ ନିଜକୁ ଦୂରେଇ ଥିବା ଅନୁଭବ ନ କରି କୁକର୍ମ କରିବା ତ ଦୂର କଥା, ମନରେ କୁଚିନ୍ତା ମଧ୍ୟ କରିପାରେ ନାହିଁ । କାରଣ ସେ ବିଚାର କରେ ଯେ ମୁଁ ମନ, ବଚନ ଓ କର୍ମରେ ବି ଯଦି କୌଣସି ବି ଖରାପ କାମ କରିବି, ତେବେ ଏହି ଅନ୍ତର୍ଯ୍ୟାମୀଙ୍କ ନ୍ୟାୟବ୍ୟବସ୍ଥାରେ ଦଣ୍ଡ ପାଇବାରୁ କଦାପି ରକ୍ଷାପାଇପାରିବି ନାହିଁ ।

ତା'ଛଡ଼ା ମୂର୍ତ୍ତି ଆଗକୁ ଗଲେ ଈଶ୍ୱରଙ୍କ ନାମସ୍ମରଣର ଯେଉଁ କଥା ଆପଣ କହିଲେ, ତା'ର ଉତ୍ତର ହେଲା ଯେ କେବଳ ନାମସ୍ମରଣ ଦ୍ୱାରା କିଛି ଲାଭ ହୁଏ ନାହିଁ । ଯେମିତିକି ମିଶ୍ରି-ମିଶ୍ରି କହିଲେ ମୁହଁ ମିଠା ହୋଇଯାଏ ନାହିଁ କି ନିମ୍ବ-ନିମ୍ବ କହିଲେ ମୁହଁ ପିତା ହୁଏ ନାହିଁ; ବରଂ ସେହି ପଦାର୍ଥକୁ ଜିଭରେ ରଖିଲେ ହିଁ ପାଟିକୁ ମିଠା କି ପିତା

ଜଣାଯାଏ । ତେଣୁ କେବଳ ତାଙ୍କ ନାମ ନ ଧରି ଯଥାର୍ଥ ରୂପେ ତାଙ୍କ ସହ ସଂଯୁକ୍ତ ହେବା ଉଚିତ ।

**ପ୍ରଶ୍ନ —** କ'ଣ ଈଶ୍ୱରଙ୍କ ନାମ-ସ୍ମରଣ ସର୍ବଥା ନିରର୍ଥକ ? ପୁରାଣରେ ସର୍ବତ୍ର ନାମସ୍ମରଣର ମହା ମାହାତ୍ମ୍ୟ ବିଷୟରେ ଯାହା ସବୁ ଲେଖାଯାଇଛି ?

**ଉତ୍ତର —** ନାମସ୍ମରଣର ଶୈଳୀ ତୁମର ଯଥାର୍ଥ ନୁହେଁ । ତୁମେ ଯେପରି ନାମସ୍ମରଣ କରୁଛ ସେ ପଦ୍ଧତି ଭୁଲ୍ ।

**ପ୍ରଶ୍ନ —** ଆମର କେଉଁ ପ୍ରକାର ପଦ୍ଧତି ?

**ଉତ୍ତର —** ବେଦବିରୁଦ୍ଧ ପଦ୍ଧତି ।

**ଉତ୍ତର —** ତେବେ ଆପଣ ଆମକୁ ନାମସ୍ମରଣର ବେଦୋକ୍ତ ରୀତି ଶିଖାନ୍ତୁ ।

**ଉତ୍ତର —** ନାମସ୍ମରଣ ଏହିପରି କରିବା ଉଚିତ — ଯଥା — **ଈଶ୍ୱରଙ୍କ ଏକ ନାମ ହେଲା 'ନ୍ୟାୟକାରୀ' । ଈଶ୍ୱରଙ୍କ ଏହି ନାମକୁ ସ୍ମରଣ କରିବାର ଅର୍ଥ ଏହି ନାମର ଯେଉଁ ଅର୍ଥ ଅଛି ଯେ ପରମାତ୍ମା ପକ୍ଷପାତରହିତ ହୋଇ ସମସ୍ତଙ୍କ ପ୍ରତି ଯଥାର୍ଥ ନ୍ୟାୟ କରନ୍ତି, ସେହି ଅର୍ଥକୁ ନିଜ ଜୀବନରେ ଚରିତାର୍ଥ କରିବା ଅର୍ଥାତ୍ ଈଶ୍ୱରଙ୍କୁ ସେହିଭଳି ଭାବରେ ସ୍ୱୀକାର କରି ସର୍ବଦା ନ୍ୟାୟଯୁକ୍ତ ବ୍ୟବହାର କରିବା, କଦାପି ଅନ୍ୟାୟ ନ କରିବା ।** ଏଭଳି ନାମସ୍ମରଣ କଲେ ଈଶ୍ୱରଙ୍କ ଗୋଟିଏ ନାମର ସ୍ମରଣ ଦ୍ୱାରା ବି ମନୁଷ୍ୟର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ।

**ପ୍ରଶ୍ନ —** ଆମେ ବି ଜାଣିଛୁ ଯେ ପରମେଶ୍ୱର ନିରାକାର ଅଟନ୍ତି । କିନ୍ତୁ ସେ ଶିବ, ବିଷ୍ଣୁ, ଗଣେଶ, ସୂର୍ଯ୍ୟ, ଦେବୀ ଇତ୍ୟାଦି ଶରୀର ଧାରଣ କରିଛନ୍ତି ଏବଂ ରାମ, କୃଷ୍ଣ ଆଦି ଅବତାର ନେଇଛନ୍ତି । ଏଣୁ ତାଙ୍କର ମୂର୍ତ୍ତି ତିଆରି ହୋଇପାରିବ । କ'ଣ ଏ କଥା ବି ମିଛ ?

**ଉତ୍ତର —** ହଁ-ହଁ ମିଛ । କାରଣ **'ଅଜ ଏକପାତ୍'** (ଋକ୍. ୭:୩୫:୧୩), **'ଅକାୟମ୍'** (ଯଜୁଃ. ୪୦:୮) ଇତ୍ୟାଦି ବିଶେଷଣ ଦ୍ୱାରା ପରମେଶ୍ୱର ଜନ୍ମରହିତ ଓ ଶରୀରଧାରଣରହିତ ବୋଲି ବେଦରେ କୁହାଯାଇଛି । ତା'ଛଡ଼ା ଯୁକ୍ତି ଦ୍ୱାରା ମଧ୍ୟ ପରମେଶ୍ୱରଙ୍କ ଅବତାର ଗ୍ରହଣ କଦାପି ସିଦ୍ଧ ହୋଇପାରେ ନାହିଁ । କରଣ ଯିଏ ଆକାଶ ପରି ସର୍ବତ୍ର ବ୍ୟାପକ, ଅନନ୍ତ ଏବଂ ସୁଖ-ଦୁଃଖ, ଦୃଶ୍ୟ ଆଦି ଗୁଣରୁ ରହିତ, ସେ ଏକ କ୍ଷୁଦ୍ର ବୀର୍ଯ୍ୟ, ଗର୍ଭାଶୟ ଓ ଶରୀରରେ କିପରି ଆବଦ୍ଧ ହୋଇପାରିବେ ? **ଦ୍ୱିତୀୟରେ, ଯିବା-ଆସିବା ସିଏ କରିଥାଏ ଯିଏ ଏକଦେଶୀ ହୋଇଥାଏ । ଆଉ ଯିଏ ଅଚଳ, ଅଦୃଶ୍ୟ, ଯାହାଙ୍କ ବ୍ୟାପକତାର ବାହାରେ ଗୋଟିଏ ପରମାଣୁ ମଧ୍ୟ ନାହିଁ, ସେ ଅବତାର ନିଅନ୍ତି ବୋଲି କହିବା 'ବନ୍ଧ୍ୟାର ପୁତ୍ରର ବିବାହ ହୋଇ ତା'ର ପୌତ୍ର ଦର୍ଶନ କରିବା' ଭଳି ଅସମ୍ଭବ କଥା କହିବା ଅଟେ ।**

**ପ୍ରଶ୍ନ —** ଯେହେତୁ ପରମେଶ୍ୱର ସର୍ବବ୍ୟାପକ, ତେଣୁ ମୂର୍ତ୍ତିରେ ମଧ୍ୟ ବିଦ୍ୟମାନ ଅଛନ୍ତି । ତା'ଛଡ଼ା ଯେକୌଣସି ପଦାର୍ଥକୁ ଈଶ୍ୱର ଭାବନାରେ ପୂଜା କରିବା କାହିଁକି ଠିକ୍ ନୁହେଁ? ଯେହେତୁକି କୁହାଯାଇଛି —

**ନ କାଷ୍ଠେ ବିଦ୍ୟତେ ଦେବୋ ନ ପାଷାଣେ ନ ମୃଣ୍ମୟେ ।**
**ଭାବେ ହି ବିଦ୍ୟତେ ଦେବସ୍ତସ୍ମାଦ୍‌ଭାବୋ ହି କାରଣମ୍ ॥**

ପରମେଶ୍ୱର କାଷ୍ଠ, ପାଷାଣ କି ମୃତ୍ତିକାରେ ନିର୍ମିତ ପଦାର୍ଥରେ ନାହାନ୍ତି, ବରଂ ପରମେଶ୍ୱର ତ ଭାବରେ ବିଦ୍ୟମାନ । ଯେଉଁଠି ଭାବନା କରିବ, ସେଇଠି ଈଶ୍ୱର ପ୍ରକଟିତ ହୁଅନ୍ତି ।

**ଉତ୍ତର — ଯେହେତୁ ପରମେଶ୍ୱର ସର୍ବବ୍ୟାପକ ତେଣୁ କୌଣସି ଏକ ବସ୍ତୁରେ ତାଙ୍କର ଉପସ୍ଥିତି ଭାବନା କରିବା, ଅନ୍ୟତ୍ର ଉପସ୍ଥିତିର ଭାବନା ନ କରିବା ହେଲା ଏପରି କଥା ଯେ ଜଣେ ସାର୍ବଭୌମ ଚକ୍ରବର୍ତ୍ତୀ ସମ୍ରାଟଙ୍କୁ ସମସ୍ତ ରାଜ୍ୟର ସ୍ୱାମୀତ୍ୱରୁ ହଟାଇ ଗୋଟିଏ ଛୋଟ କୁଡ଼ିଆର ମାଲିକ ବୋଲି ଭାବିବା । ଏହା କେତେ ବଡ଼ ଅପମାନ!** ସେହିପରି ତୁମେ ବି ପରମେଶ୍ୱରଙ୍କ ଅପମାନ କରୁଛ । ଯଦି ପରମେଶ୍ୱରଙ୍କୁ ସର୍ବବ୍ୟାପକ ବୋଲି ମାନୁଛ, ତେବେ ବଗିଚାରୁ ଫୁଲ-ପତ୍ର ତୋଳି କାହିଁକି ଚଢ଼ାଉଛ ? ଚନ୍ଦନ ଘଷି କାହିଁକି ଲଗାଉଛ ? ଧୂପ ଜଳାଇ କାହିଁକି ଦେଉଛ ? ଘଣ୍ଟି, ଘଣ୍ଟା, ଖୋଳ, କରତାଳ ଆଦି କାହିଁକି ବଜାଉଛ ? ଈଶ୍ୱର ତୁମ ହାତରେ ଅଛନ୍ତି, ଫେରେ ହାତ କାହିଁକି ଯୋଡୁଛ ? ମୁଣ୍ଡରେ ଅଛନ୍ତି, ମୁଣ୍ଡ କାହିଁକି ନୁଆଁଉଛ ? ଅନ୍ନ-ଜଳାଦିରେ ଅଛନ୍ତି, ନୈବେଦ୍ୟ କାହିଁକି ଦେଉଛ ? ଜଳରେ ରହିଛନ୍ତି, ସ୍ନାନ କାହିଁକି କରାଉଛ ? କାରଣ ସେସବୁରେ ପରମାତ୍ମା ବ୍ୟାପକ ହୋଇ ଅଛନ୍ତି ।

**ଅଚ୍ଛା ! ତୁମେ ବ୍ୟାପକ ପଦାର୍ଥର ପୂଜା କରୁଛ ନା ବ୍ୟାପ୍ୟ ପଦାର୍ଥର ? ଯଦି ବ୍ୟାପକ ପଦାର୍ଥର ପୂଜା କରୁଛ, ତେବେ କାଠ, ପଥର ଆଦିରେ ଚନ୍ଦନ, ଫୁଲ ଇତ୍ୟାଦି କାହିଁକି ଚଢ଼ାଉଛ ? ଆଉ ଯଦି ବ୍ୟାପ୍ୟ ପଦାର୍ଥର ପୂଜା କରୁଛ, ତେବେ 'ଆମେ ପରମେଶ୍ୱରଙ୍କ ପୂଜା କରୁଛୁ' ବୋଲି ଏମିତି ମିଛ କଥା କାହିଁକି କହୁଛ ? 'ଆମେ କାଠ, ପଥରକୁ ପୂଜା କରୁଛୁ' ବୋଲି ଏମିତି ସତ କଥା କାହିଁକି କହୁନାହଁ ?**

ବର୍ତ୍ତମାନ କୁହ ଯେ 'ଭାବ' ସତ ନା ମିଛ ? ଯଦି କୁହ କି ଭାବ ସତ ଅଟେ, ତେବେ ତୁମ ଭାବର ଅଧୀନ ହୋଇ ପରମେଶ୍ୱର ବଦ୍ଧ ହୋଇଯିବେ । ଦ୍ୱିତୀୟରେ, ତୁମେ ମାଟିକୁ ସୁନା-ରୁପା ବୋଲି, ପଥରକୁ ହୀରା-ନୀଳା ଭାବେ, ସମୁଦ୍ରଫେଣକୁ ମୋତି ରୂପେ, ଜଳକୁ ଘିଅ-ଦୁଧ ବୋଲି, ବରଫକୁ ଦହି, ଧୂଳିକୁ ମଇଦା-ଚିନି ବୋଲି ଭାବନା କରି ସେସବୁକୁ ନିଜ ଭାବନାନୁସାରେ କାହିଁକି ପରିବର୍ତ୍ତିତ କରିଦେଉନାହଁ? ତୁମେ ତ ଦୁଃଖ ମିଳୁ ବୋଲି କେବେ ଭାବନା କରୁନାହଁ, ତଥାପି ଦୁଃଖ କାହିଁକି ଭୋଗୁଛ ? ସବୁବେଳେ ସୁଖ ମିଳୁ ବୋଲି ଭାବନା କରୁଛ, ସୁଖ କାହିଁକି ମିଳୁ ନାହିଁ ? ଅନ୍ଧ ବ୍ୟକ୍ତି ଆଖି ଅଛି ବୋଲି ଭାବନା କରି କାହିଁକି ଦେଖିପାରୁନି ? ମରିବାର ଭାବନା କେହି କରନ୍ତି ନାହିଁ, କିନ୍ତୁ ପ୍ରତିଦିନ ଲୋକେ କାହିଁକି ମରୁଛନ୍ତି ? ଏଣୁ ତୁମେ ଯେଉଁ କହୁଛ ଯେ 'ଯେମିତି ଭାବନା କଲେ ସେମିତି ହେବ' ଏକଥା ଠିକ୍ ନୁହେଁ । କାରଣ ଯେଉଁ ପଦାର୍ଥ ଯେପରି ଅଛି ତାକୁ ସେପରି ମନେକରିବାର ନାମ **'ଭାବନା'** । ଯଥା — ଅଗ୍ନିକୁ ଅଗ୍ନି ବୋଲି ଜାଣିବା, ଜଳକୁ ଜଳ ବୋଲି ବିଚାର କରିବା । ନିଆଁକୁ ପାଣି ଓ ପାଣିକୁ ନିଆଁ ବୋଲି ବୁଝିବାର ନାମ 'ଅଭାବନା' । କରଣ ଯେଉଁ ବସ୍ତୁ ଯେପରି ତାକୁ ସେପରି ବୋଲି ଜାଣିବାର ନାମ **'ଜ୍ଞାନ'** ଏବଂ ଅନ୍ୟଥା ଜାଣିବାର ନାମ **'ଅଜ୍ଞାନ'** । ଏଣୁ ତୁମେ ଅଭାବନାକୁ ଭାବନା ଓ ଭାବନାକୁ ଅଭାବନା ବୋଲି କହୁଛ ।

**ପ୍ରଶ୍ନ —** ଆଜ୍ଞା ! ଯେପର୍ଯ୍ୟନ୍ତ ବେଦମନ୍ତ୍ର ପଢ଼ି ଆବାହନ କରାଯାଏ ନାହିଁ, ସେ ପର୍ଯ୍ୟନ୍ତ ଦେବତା ଆସନ୍ତି ନାହିଁ । ବେଦମନ୍ତ୍ରରେ ଆବାହନ କଲେ ଦେବତା ତୁରନ୍ତ ଆସିଯାଆନ୍ତି ଓ ବିସର୍ଜନ କଲେ ତତ୍କ୍ଷଣାତ୍ ଚାଲିଯାନ୍ତି ।

**ଉତ୍ତର —** ମନ୍ତ୍ର ଦ୍ୱାରା ଆବାହନ କଲେ ଯଦି ଦେବତା ଆସିଯାଆନ୍ତି, ତେବେ ମୂର୍ତ୍ତି ଚେତନ କାହିଁକି ହୋଇଯାଏ ନାହିଁ? ଆଉ ବିସର୍ଜନ କଲେ ଯଦି ଦେବତା ଚାଲିଯାନ୍ତି, ତେବେ ଦେବତା କେଉଁଠାରୁ ଆସନ୍ତି ଓ କେଉଁଠାକୁ ଯାଆନ୍ତି ?

ଆରେ ଭାଇ, ଶୁଣ ! ସର୍ବତ୍ର ପୂର୍ଣ୍ଣ ପରମାତ୍ମା ନା କେଉଁଠାକୁ ଆସନ୍ତି ନା କେଉଁଠାକୁ ଯାଆନ୍ତି । ଯଦି ତୁମେ ମନ୍ତ୍ର ବଳରେ ପରମେଶ୍ୱରଙ୍କୁ ଡାକି ଆଣିପାରୁଛ, ତେବେ ସେସବୁ ମନ୍ତ୍ର ବଳରେ ନିଜର ମୃତ ପୁତ୍ରର ଜୀବାତ୍ମାକୁ ପୁନଃ ତା'ର ଶରୀରକୁ କାହିଁକି ଡାକି ଆଣୁନାହଁ ? ତା'ଛଡ଼ା ଯଦି ମନ୍ତ୍ର ବଳରେ ଈଶ୍ୱରଙ୍କୁ ବିସର୍ଜନ କରିପାରୁଛ, ତେବେ ତୁମର ଶତ୍ରୁର ଜୀବାତ୍ମାକୁ ତା' ଶରୀରରୁ ବିସର୍ଜନ କରି ତାକୁ କାହିଁକି ମାରି ପାରୁନାହଁ ?

ଶୁଣ ଭାଇ ଭୋଳା ଲୋକମାନେ ! ଏ ପୋପ୍‌ମାନେ ତୁମମାନଙ୍କୁ ଠକି ନିଜର ସ୍ୱାର୍ଥ ସିଦ୍ଧି କରୁଛନ୍ତି । **ବେଦରେ ପାଷାଣାଦି ମୂର୍ତ୍ତିପୂଜା ଏବଂ ପରମେଶ୍ୱରଙ୍କ ଆବାହନ-ବିସର୍ଜନ ସମ୍ପର୍କରେ ବିନ୍ଦୁ-ବିସର୍ଗ ମଧ୍ୟ ନାହିଁ ।**

**ପ୍ରଶ୍ନ — ପ୍ରାଣା ଇହାଗଚ୍ଛନ୍ତୁ ସୁଖଂ ଚିରଂ ତିଷ୍ଠନ୍ତୁ ସ୍ୱାହା ।**
**ଆତ୍ମେହାଗଚ୍ଛତୁ ସୁଖଂ ଚିରଂ ତିଷ୍ଠତୁ ସ୍ୱାହା ।**
**ଇନ୍ଦ୍ରିୟାଣୀହାଗଚ୍ଛନ୍ତୁ ସୁଖଂ ଚିରଂ ତିଷ୍ଠନ୍ତୁ ସ୍ୱାହା ॥** (ପ୍ରତିଷ୍ଠାମୟୂଖ ଗ୍ରନ୍ଥ ଓ ତନ୍ତ୍ର ଗ୍ରନ୍ଥ)

ଇତ୍ୟାଦି ବେଦମନ୍ତ୍ର ତ ଅଛି, ତୁମେ କିପରି କହୁଛ ଯେ ଈଶ୍ୱରଙ୍କ ଆବାହନାଦି ବିଷୟରେ ବେଦରେ କିଛି ନାହିଁ ?

**ଉତ୍ତର —** ଆରେ ଭାଇ ! ବୁଦ୍ଧିକୁ ବି ତ ଟିକଏ ନିଜ କାମରେ ଲଗାଅ । ଏସବୁ ବାମମାର୍ଗୀଙ୍କ ବେଦବିରୁଦ୍ଧ କପୋଳକଳ୍ପିତ ତନ୍ତ୍ର-ଗ୍ରନ୍ଥର ପୋପରଚିତ ବଚନ ଅଟେ, ବେଦମନ୍ତ୍ର ନୁହେଁ ।

**ପ୍ରଶ୍ନ —** କ'ଣ ତନ୍ତ୍ର ମିଥ୍ୟା ?

**ଉତ୍ତର — ହଁ ! ସର୍ବଥା ମିଥ୍ୟା ।** ଯେପରି ଆବାହନ, ପ୍ରାଣପ୍ରତିଷ୍ଠାଦି ପାଷାଣାଦି ମୂର୍ତ୍ତି ବିଷୟକ ଗୋଟିଏ ବି ମନ୍ତ୍ର ବେଦରେ ନାହିଁ, ସେହିପରି **'ସ୍ନାନଂ ସମର୍ପୟାମି'** ଇତ୍ୟାଦି ବଚନ ମଧ୍ୟ ବେଦରେ ନାହିଁ । ଏପରିକି **'ପାଷାଣାଦି-ମୂର୍ତ୍ତିଂ ରଚୟିତ୍ୱା ମନ୍ଦିରେଷୁ ସଂସ୍ଥାପ୍ୟ ଗନ୍ଧାଦିଭିରର୍ଚ୍ଚୟେତ୍'** — ପାଷାଣାଦିର ମୂର୍ତ୍ତି ତିଆରି କରି ତାକୁ ମନ୍ଦିରରେ ସ୍ଥାପନ କରି ଚନ୍ଦନ-ଅକ୍ଷତାଦି ଦ୍ୱାରା ପୂଜା କରିବା ଉଚିତ, ଏପରି ବାକ୍ୟର ଚିହ୍ନ-ବର୍ଣ୍ଣ ମଧ୍ୟ ବେଦରେ ନାହିଁ ।

**ପ୍ରଶ୍ନ —** ବେଦରେ ଯଦି ମୂର୍ତ୍ତିପୂଜାର ବିଧାନ ନାହିଁ, ଠିକ୍ ଅଛି; କିନ୍ତୁ ନିଷେଧ ବି ତ ନାହିଁ । ଆଉ ଯଦି ନିଷେଧ ଅଛି, ତେବେ **'ପ୍ରାପ୍ତୌ ସତ୍ୟାଂ ନିଷେଧଃ'** ଅର୍ଥାତ୍ ମୂର୍ତ୍ତିପୂଜାର ପ୍ରଚଳନ ଥିଲେ ହିଁ ଖଣ୍ଡନ ସଙ୍ଗତ ହୋଇପାରେ ।

**ଉତ୍ତର —** ମୂର୍ତ୍ତିପୂଜାର ବିଧାନ ତ ନାହିଁ; କିନ୍ତୁ ପରମେଶ୍ୱରଙ୍କ ସ୍ଥାନରେ ଅନ୍ୟ କୌଣସି ପଦାର୍ଥକୁ ପୂଜ୍ୟ ନ ମାନିବାର ବିଧାନ ରହିଛି, ମୂର୍ତ୍ତିପୂଜାର ସର୍ବଥା ନିଷେଧ ଅଛି । ଦ୍ୱିତୀୟ କଥା ହେଲା ଯେ କ'ଣ ଅପୂର୍ବବିଧି ନ ଥାଏ ? ଦେଖନ୍ତୁ, ଏସବୁ ଅଛି —

**ଅନ୍ଧନ୍ତମଃ ପ୍ର ବିଶନ୍ତି ୟେଽସମ୍ଭୂତିମୁପାସତେ ।**
**ତତୋ ଭୂୟଽ ଇବ ତେ ତମୋ ୟଽ ଉ ସମ୍ଭୂତ୍ୟାଂ ରତାଃ ॥ ୧ ॥** (ୟଜୁଃ. ୪୦:୯)
**ନ ତସ୍ୟ ପ୍ରତିମାଽଅସ୍ତି ॥ ୨ ॥** (ୟଜୁଃ. ୩୨:୩)
**ୟଦ୍ୱାଚାନଭ୍ୟୁଦିତଂ ୟେନ ବାଗଭ୍ୟୁଦ୍ୟତେ ।**
**ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥ ୩ ॥**
**ୟନ୍ମନସା ନ ମନୁତେ ୟେନାହୁର୍ମନୋ ମତମ୍ ।**

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥ ୪ ॥
ୟଚ୍ଚକ୍ଷୁଷା ନ ପଶ୍ୟତି ୟେନ ଚକ୍ଷୂଂଷି ପଶ୍ୟନ୍ତି ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥ ୫ ॥
ୟଚ୍ଛ୍ରୋତ୍ରେଣ ନ ଶୃଣୋତି ୟେନ ଶ୍ରୋତ୍ରମିଦଂ ଶ୍ରୁତମ୍ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥ ୬ ॥
ୟତ୍ପ୍ରାଣେନ ନ ପ୍ରାଣିତି ୟେନ ପ୍ରାଣଃ ପ୍ରଣୀୟତେ ।
ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ୟଦିଦମୁପାସତେ ॥ ୭ ॥ (କେନ. ୧:୪-୮)

ଯେଉଁମାନେ ବ୍ରହ୍ମଙ୍କ ସ୍ଥାନରେ **'ଅସମ୍ଭୂତି'** ଅର୍ଥାତ୍ ଅନୁତ୍ପନ୍ନ, ଅନାଦି କାରଣ ପ୍ରକୃତିର ଉପାସନା କରନ୍ତି, ସେମାନେ ଅନ୍ଧକାର ଅର୍ଥାତ୍ ଅଜ୍ଞାନ ଓ ଦୁଃଖସାଗରରେ ବୁଡ଼ିମରନ୍ତି । ଆଉ ଯେଉଁମାନେ ବ୍ରହ୍ମଙ୍କ ସ୍ଥାନରେ **'ସମ୍ଭୂତି'** ଅର୍ଥାତ୍ କାରଣ ପ୍ରକୃତିରୁ ଉତ୍ପନ୍ନ କାର୍ଯ୍ୟରୂପ ପୃଥିବୀ ଆଦି ଭୂତ, ପାଷାଣ ଓ ବୃକ୍ଷାଦି ଅବୟବ ଓ ମନୁଷ୍ୟାଦିଙ୍କ ଶରୀରର ଉପାସନା କରନ୍ତି, ସେ ମହାମୂର୍ଖମାନେ ପୂର୍ବୋକ୍ତ ଅନ୍ଧକାରଠାରୁ ଆହୁରି ଅନ୍ଧକାରକୁ ପ୍ରାପ୍ତ କରନ୍ତି ଅର୍ଥାତ୍ ଚିରକାଳ ଘୋର ଦୁଃଖରୂପ ନର୍କରେ ପଡ଼ି ମହାକ୍ଳେଶ ଭୋଗ କରନ୍ତି ॥ ୧ ॥

ଯିଏ ସକଳ ଜଗତରେ ବ୍ୟାପକ, ସେହି ନିରାକାର ପରମାତ୍ମାଙ୍କର **'ପ୍ରତିମା'**, ପରିମାଣ, ସାଦୃଶ୍ୟ ବା ମୂର୍ତ୍ତି ନାହିଁ ॥ ୨ ॥

**'ଇଦନ୍ତା'** ଅର୍ଥାତ୍ ଏହା ଜଳ ଅଟେ, ଅଗ୍ନି ଅଟେ; ଏହାର ଗୁଣ-କର୍ମ-ସ୍ୱଭାବ ଏଇଆ-ଏଇଆ । ଏପରି ଭାବେ ଆମେ ଅନ୍ୟ ପଦାର୍ଥଗୁଡ଼ିକୁ ଏପରି ବାଣୀଦ୍ୱାରା ପୂର୍ଣ୍ଣତଃ ପରିପ୍ରକାଶ କରିପାରୁ । କିନ୍ତୁ ଯିଏ ସେପରି ଭାବେ ବାଣୀର ବିଷୟ ନୁହନ୍ତି, ଯାହାଙ୍କୁ ବାଣୀ ପୂର୍ଣ୍ଣତଃ ପରିପ୍ରକାଶ କରିପାରେ ନାହିଁ; ଏବଂ ଯାହାଙ୍କ ଆଧାରରେ, ସାମର୍ଥ୍ୟରେ ବାଣୀ ପ୍ରକାଶିତ ହୋଇଥାଏ, ତାହାଙ୍କୁ ବ୍ରହ୍ମ ବୋଲି ଜାଣ ଏବଂ ତାଙ୍କରି ଉପାସନା କର । ଅନ୍ୟ କୌଣସି ବସ୍ତୁ ଉପାସନୀୟ ନୁହେଁ ॥ ୩ ॥

ମନ ଦ୍ୱାରା ମନନ କରିକରି ଯାହାଙ୍କ **'ଇୟତ୍ତା'** ପ୍ରାପ୍ତ କରାଯାଇପାରେ ନାହିଁ, ଯିଏ ମନକୁ ଉତ୍ତମ ରୂପେ ଜାଣନ୍ତି, ତାହାଙ୍କୁ ତୁମେ ବ୍ରହ୍ମ ବୋଲି ଜାଣ ଓ ତାଙ୍କରି ଉପାସନା କର । ତାଙ୍କଠୁ ଭିନ୍ନ ଥିବା ସତ୍ତା ଜୀବ ଓ ଅନ୍ତଃକରଣ, ସେଗୁଡ଼ିକୁ ବ୍ରହ୍ମଙ୍କ ସ୍ଥାନରେ ଉପାସନା କରନାହିଁ ॥ ୪ ॥

ଯିଏ ଆଖିରେ ଦେଖାଯାଆନ୍ତି ନାହିଁ, କିନ୍ତୁ ଯାହାଙ୍କ ପ୍ରଦତ୍ତ ସାମର୍ଥ୍ୟ ବଳରେ ସକଳ ଚକ୍ଷୁ ଦେଖିପାରିଥାଏ, ତାଙ୍କୁ ତୁମେ ବ୍ରହ୍ମ ବୋଲି ଜାଣ ଓ ତାଙ୍କରି ଉପାସନା କର । ତାଙ୍କଠୁ ଭିନ୍ନ ସତ୍ତା ସୂର୍ଯ୍ୟ, ବିଦ୍ୟୁତ୍ ଓ ଅଗ୍ନି ଆଦି ପଦାର୍ଥକୁ ଉପାସନା କର ନାହିଁ ॥ ୫ ॥

କାନରେ ଯିଏ ଶୁଣାଯାଆନ୍ତି ନାହିଁ, କିନ୍ତୁ ଯାହାଙ୍କ ଦ୍ୱାରା କାନ ଶୁଣିପାରେ, ତାହାଙ୍କୁ ତୁମେ ବ୍ରହ୍ମ ବୋଲି ଜାଣ ଓ ତାଙ୍କରି ଉପାସନା କର । ତାଙ୍କ ସ୍ଥାନରେ ତାଙ୍କଠୁ ଭିନ୍ନ ଥିବା ଶବ୍ଦାଦିକୁ ଉପାସନା କର ନାହିଁ ॥ ୬ ॥

ଯିଏ ପ୍ରାଣ ଦ୍ୱାରା ଗତିଶୀଳ ନୁହନ୍ତି, ବରଂ ଯାହାଙ୍କ ଦ୍ୱାରା ପ୍ରାଣ ଗତିଶୀଳ, ତାହାଙ୍କୁ ତୁମେ ବ୍ରହ୍ମ ବୋଲି ଜାଣ ଓ ତାଙ୍କରି ଉପାସନା କର । ତାଙ୍କଠୁ ଭିନ୍ନ ସତ୍ତା ବାୟୁ ଆଦିଙ୍କୁ ଉପାସନା କର ନାହିଁ ॥ ୭ ॥

ବେଦାଦି ଶାସ୍ତ୍ରରେ ଏପରି ବହୁ ନିଷେଧ ରହିଛି । ତା'ଛଡ଼ା ଧ୍ୟାତବ୍ୟ ବିଷୟ ହେଲା ଯେ ନିଷେଧ ପ୍ରାପ୍ତ ଓ

ଅପ୍ରାପ୍ତ ଅର୍ଥାତ୍ ବର୍ତ୍ତମାନ ବା ବିଦ୍ୟମାନ ଏବଂ ଅବର୍ତ୍ତମାନ ଉଭୟ ବିଷୟକ ହୋଇଥାଏ । ଯଥା — **'ପ୍ରାପ୍ତ ବିଷୟର ନିଷେଧ'** — କୌଣସି ଏକ ସ୍ଥାନରେ କିଏ ଜଣେ ବସିଛି, ତାକୁ ସେଠାରେ ନ ବସିବାକୁ କହିବା, ସେଠାରୁ ଉଠାଇ ଦେବା । **'ଅପ୍ରାପ୍ତ ବା ଅବର୍ତ୍ତମାନ ଥିବା ବିଷୟର ନିଷେଧ'** — ସନ୍ତାନକୁ ଅନାଗତ ବିପଦରୁ ରକ୍ଷା ପାଇଁ ସତର୍କ କରି ମଧ୍ୟ କୁହାଯାଏ, 'ହେ ପୁତ୍ର ! ତୁମେ କେବେ ବି ଚୋରି କରିବ ନାହିଁ । କୂଅକୁ ଡେଇଁବ ନାହିଁ । ଦୁଷ୍ଟ ଲୋକଙ୍କ ସଙ୍ଗେ ମିଶିବ ନାହିଁ । ବିଦ୍ୟା ଅଧ୍ୟୟନରେ ଅବହେଳା କରିବା ନାହିଁ' ଇତ୍ୟାଦି । ଏଣୁ ମନୁଷ୍ୟର ଜ୍ଞାନ ଦୃଷ୍ଟିରୁ ଅପ୍ରାପ୍ତ ବା ଅବର୍ତ୍ତମାନ ଥିବା, ଅଥଚ ପରମେଶ୍ୱରଙ୍କ ଜ୍ଞାନରେ ପ୍ରାପ୍ତ ଥିବା ବିଷୟରେ ବେଦରେ ନିଷେଧ କରାଯାଇଛି । **ଏଣୁ ପାଷାଣାଦି ମୂର୍ତ୍ତିପୂଜା ପୂର୍ଣ୍ଣତଃ ନିଷିଦ୍ଧ ।**

**ପ୍ରଶ୍ନ —** ମୂର୍ତ୍ତିପୂଜାରେ ଯଦିଓ ପୁଣ୍ୟ ନାହିଁ, ତେବେ ପାପ ବି ତ ହୁଏ ନାହିଁ ।

**ଉତ୍ତର —** କର୍ମ ଦୁଇ ପ୍ରକାରର ହିଁ ହୋଇଥାଏ - ବିହିତ ଓ ନିଷିଦ୍ଧ । **ବିହିତ —** କର୍ତ୍ତବ୍ୟ ରୂପେ ବେଦରେ ପ୍ରତିପାଦିତ ହୋଇଥିବା ସତ୍ୟଭାଷଣାଦି । **ନିଷିଦ୍ଧ —** ନ କରିବା ପାଇଁ ବେଦରେ ଆଦେଶ ଦିଆଯାଇଥିବା ମିଥ୍ୟାଭାଷଣାଦି । ଯେଉଁପରି ବିହିତ କର୍ମର ଅନୁଷ୍ଠାନ କରିବା ଧର୍ମ ଅଟେ ଓ ବିହିତ କର୍ମ ନ କରିବା ଅଧର୍ମ ଅଟେ; ସେହିପରି ନିଷିଦ୍ଧ କର୍ମ କରିବା ଅଧର୍ମ ଓ ନ କରିବା ଧର୍ମ ଅଟେ । ତେଣୁ ବେଦରେ ନିଷେଧ କରାଯାଇଥିବା ମୂର୍ତ୍ତିପୂଜା ଯଦି ତୁମେ କରୁଛ, ତେବେ ତୁମେ କାହିଁକି ପାପଭାଗୀ ନ ହେବ ?

**ପ୍ରଶ୍ନ —** ଦେଖନ୍ତୁ; ବେଦ ଅନାଦି । ବୈଦିକ ଯୁଗରେ ମୂର୍ତ୍ତିର କୌଣସି ଆବଶ୍ୟକତା ନ ଥିଲା । କାରଣ ପୂର୍ବକାଳରେ ଦେବତା ତ ପ୍ରତ୍ୟକ୍ଷ ଥିଲେ । ମୂର୍ତ୍ତିପୂଜା ତ ପରବର୍ତ୍ତୀ ସମୟରେ ତନ୍ତ୍ର ଓ ପୁରାଣ ଦ୍ୱାରା ପ୍ରଚଳିତ ହେଲା । ଯେତେବେଳେ କ୍ରମେ-କ୍ରମେ ମନୁଷ୍ୟର ଜ୍ଞାନ ଓ ସାମର୍ଥ୍ୟ ନ୍ୟୂନ ହେବାକୁ ଲାଗିଲା, ନିରାକାର ପରମେଶ୍ୱରଙ୍କୁ ଧ୍ୟାନ କରିପାରିଲେ ନାହିଁ, ସେତେବେଳେ ମୂର୍ତ୍ତିର ଧ୍ୟାନ କରିବାକୁ ଲାଗିଲେ । ଏଣୁ ଅଜ୍ଞାନୀମାନଙ୍କ ପାଇଁ ମୂର୍ତ୍ତିପୂଜାର ବ୍ୟବସ୍ଥା । କାରଣ ପାହାଚ ପରେ ପାହାଚ ଚଢ଼ିଲେ ସିନା ଘରର ଉପରକୁ ଯାଇହେବ । ପ୍ରଥମ ପାହାଚକୁ ଛାଡ଼ି ଦେଇ ଉପରକୁ ଯିବାକୁ ଚାହିଁଲେ କେହି କେବେ ଯାଇପାରିବ ନାହିଁ । ଅତଏବ ମୂର୍ତ୍ତିପୂଜା ହେଉଛି ପ୍ରଥମ ସୋପାନ । ମୂର୍ତ୍ତିପୂଜା କରୁ-କରୁ ଯେତେବେଳେ ଜ୍ଞାନ ଲାଭ ହେବ ଓ ଅନ୍ତଃକରଣ ପବିତ୍ର ହେବ, ସେତେବେଳେ ବ୍ୟକ୍ତି ପରମାତ୍ମାଙ୍କୁ ଧ୍ୟାନ କରିପାରିବ । ଲକ୍ଷ୍ୟଭେଦ କରିବା ବ୍ୟକ୍ତି ଯେପରି ପ୍ରଥମେ ସ୍ଥୂଳ ଲକ୍ଷ୍ୟକୁ ତୀର, ଗୁଳି ବା ଗୋଳା ଆଦି ମାରୁ-ମାରୁ ଅଭ୍ୟାସ ହୋଇଗଲେ ତା'ପରେ ଧୀରେ-ଧୀରେ ସୂକ୍ଷ୍ମ ଲକ୍ଷ୍ୟକୁ ମଧ୍ୟ ଭେଦ କରିପାରିଥାଏ, ସେହିପରି ବ୍ୟକ୍ତି ସ୍ଥୂଳ ମୂର୍ତ୍ତିକୁ ପୂଜା କରୁ-କରୁ ଧୀରେ-ଧୀରେ ସୂକ୍ଷ୍ମ ବ୍ରହ୍ମଙ୍କୁ ବି ପ୍ରାପ୍ତ କରିଥାଏ । ଯେମିତିକି ଝିଅମାନେ କଣ୍ଢେଇ ଖେଳ ସେତେବେଳ ଯାଏ ଖେଳିଥାନ୍ତି, କଣ୍ଢେଇକୁ ବର ଆଦି ବୋଲି କହିଥାନ୍ତି, ଯେତେବେଳ ଯାଏ ବାସ୍ତବିକ ପତିକୁ ପ୍ରାପ୍ତ କରିନଥାନ୍ତି । ଇତ୍ୟାଦି କାରଣରୁ ମୂର୍ତ୍ତିପୂଜା କରିବା କୌଣସି ଖରାପ କର୍ମ ନୁହେଁ ।

**ଉତ୍ତର —** ଯେହେତୁ ବେଦବିହିତ କର୍ମ ଧର୍ମ ଅଟେ ଓ ବେଦର ବିରୁଦ୍ଧାଚରଣ କର୍ମ ଅଧର୍ମ, ଏବଂ ତୁମର ସ୍ୱୀକାରୋକ୍ତି ବି ଯେ ବେଦରେ ମୂର୍ତ୍ତିପୂଜାର ବିଧାନ ନାହିଁ, ତେଣୁ ମୂର୍ତ୍ତିପୂଜା ଅଧର୍ମ ବୋଲି ପ୍ରମାଣିତ ହେଉଛି । ଦ୍ୱିତୀୟରେ, **ଯେଉଁସବୁ ଗ୍ରନ୍ଥ ବେଦବିରୁଦ୍ଧ ସେସବୁକୁ ପ୍ରାମାଣିକ ମାନିବାର ଅର୍ଥ 'ନାସ୍ତିକ' ହେବା ।** ଦେଖନ୍ତୁ —

**ନାସ୍ତିକୋ ବେଦନିନ୍ଦକଃ ॥ ୧ ॥** (ମନୁ. ୨:୧୧)

**ଯା ବେଦବାହ୍ୟାଃ ସ୍ମୃତୟୋ ଯାଶ୍ଚ କାଶ୍ଚ କୁଦୃଷ୍ଟୟଃ ।**

**ସର୍ବାସ୍ତା ନିଷ୍ଫଲାଃ ପ୍ରେତ୍ୟ ତମୋନିଷ୍ଠା ହି ତାଃ ସ୍ମୃତାଃ ॥ ୨ ॥**

**ଉତ୍ପଦ୍ୟନ୍ତେ ଚ୍ୟବନ୍ତେ ଚ ୟାନ୍ୟତୋଽନ୍ୟାନି କାନିଚିତ୍ ।**

**ତାନ୍ୟର୍ବାକ୍‌କାଳିକତୟା ନିଷ୍ଫଲାନ୍ୟନୃତାନି ଚ ॥ ୩ ॥** (ମନୁ. ୧୨:୯୫,୯୬)

ମହର୍ଷି ମନୁ କହନ୍ତି କି ଯିଏ ବେଦର 'ନିନ୍ଦା' ଅର୍ଥାତ୍ ଅପମାନ, ତ୍ୟାଗ, ବିରୁଦ୍ଧାଚରଣ କରେ ତାଙ୍କୁ **'ନାସ୍ତିକ'** କୁହାଯାଏ ॥ ୧ ॥

ଯେଉଁସବୁ ଗ୍ରନ୍ଥ ବେଦ ବର୍ହିଭୂତ, ନିନ୍ଦିତ ବ୍ୟକ୍ତିଙ୍କ ଦ୍ୱାରା ରଚିତ, ସଂସାରକୁ ଦୁଃଖସାଗରରେ ନିମଜ୍ଜନକାରୀ, ସେସବୁ ନିଷ୍ଫଳ, ଅସତ୍ୟ, ଅନ୍ଧକାରରୂପୀ, ଇହଲୋକ ଓ ପରଲୋକରେ ଦୁଃଖଦାୟକ ॥ ୨ ॥

ବେଦବିରୁଦ୍ଧ ଯେଉଁସବୁ ଗ୍ରନ୍ଥ ରଚିତ ହୁଏ, ସେସବୁ ଶୀଘ୍ର ନଷ୍ଟ ହୋଇଯାଏ । ସେ ସବୁ ଗ୍ରନ୍ଥକୁ ମାନିବା ନିଷ୍ଫଳ ଓ ମିଥ୍ୟା ॥ ୩ ॥

**ଏହିଭଳି ଭାବରେ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ମହର୍ଷି ଜୈମିନିଙ୍କ ପର୍ଯ୍ୟନ୍ତ ସମସ୍ତ ଋଷି-ମୁନିଙ୍କ ମତ ହେଲା ଯେ ବେଦବିରୁଦ୍ଧ କଥା ନ ମାନିବା, ନ କରିବା, ସଦା ବେଦାନୁକୂଳ ଆଚରଣ ହିଁ କରିବା ଧର୍ମ ଅଟେ । ଯେହେତୁ କି ବେଦ ସତ୍ୟ ଅର୍ଥର ପ୍ରତିପାଦକ ଅଟେ । ଏତଦ୍ ବ୍ୟତୀତ ଯେତେ ତନ୍ତ୍ର ଓ ପୁରାଣ ରହିଛି, ସେସବୁ ବେଦର ବିରୁଦ୍ଧାଚରଣ କରନ୍ତି, ତେଣୁ ବେଦବିରୁଦ୍ଧ ହୋଇଥିବାରୁ ସେସବୁ ମିଥ୍ୟା । ଅତଃ ସେସବୁରେ କୁହାଯାଇଥିବା ମୂର୍ତ୍ତିପୂଜା ମଧ୍ୟ ଅଧର୍ମ ଅଟେ ।**

ଆଉ ଗୋଟିଏ କଥା ହେଲା ଯେ **ଜଡ଼ ପୂଜା ଦ୍ୱାରା ମନୁଷ୍ୟର ଜ୍ଞାନ ବୃଦ୍ଧି ପାଏ ନାହିଁ; ବରଂ ଯାହା କିଛି ଥାଏ, ତାହା ବି ନଷ୍ଟ ହୋଇଯାଏ । ଅତଃ ଜ୍ଞାନୀମାନଙ୍କ ସେବା ଓ ସଙ୍ଗ କଲେ ଜ୍ଞାନ ବଢ଼େ, ପାଷାଣାଦି ଦ୍ୱାରା ନୁହେଁ ।** କ'ଣ ପାଷାଣାଦି ମୂର୍ତ୍ତିପୂଜା ଦ୍ୱାରା ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ କେବେ ବି ଧ୍ୟାନ କରିପାରିବ ? କେବେ ବି ନୁହେଁ । **ଅତଏବ ନା, ନା ! ମୂର୍ତ୍ତିପୂଜା କଦାପି ଈଶ୍ୱର ପ୍ରାପ୍ତିର ଶିଢ଼ି ନୁହେଁ, ବରଂ ଏହା ଏକ ବିରାଟ ଖାଇ । ଏଥିରେ ଥରେ ପଡ଼ିଗଲେ ମଣିଷର ହାଡ଼-ଗୋଡ଼ ଚୂନା ହୋଇଯାଏ । ଆଉ ସେଥିରୁ ବାହାରିବା ସମ୍ଭବ ହୋଇନଥାଏ, ସେଥିରେ ମଣିଷର ଜୀବନ ସମାପ୍ତ ହୋଇଯାଏ । ଈଶ୍ୱର ପ୍ରାପ୍ତିର ଶିଢ଼ି କେଉଁଟି ? ଛୋଟ ଧାର୍ମିକ ବିଦ୍ୱାନଙ୍କଠାରୁ ଆରମ୍ଭ କରି ପରମ ବିଦ୍ୱାନ୍, ଯୋଗୀମାନଙ୍କ ସଙ୍ଗ ଦ୍ୱାରା ସଦ୍‌ବିଦ୍ୟା ଅର୍ଜନ ଓ ସତ୍ୟଭାଷଣାଦି ଆଚରଣ ପରମେଶ୍ୱର ପ୍ରାପ୍ତିର ସୋପାନ ଅଟେ । ଏଇଟା ବାସ୍ତବରେ ଉପର ଘରକୁ ଯିବା ପାଇଁ ଶିଢ଼ି ଭଳି ।** ମୂର୍ତ୍ତିପୂଜା କରି-କରି ଆଜି ସୁଦ୍ଧା କେହି ବି ଜ୍ଞାନୀ ହୋଇନାହାନ୍ତି, ବରଂ ସମସ୍ତ ମୂର୍ତ୍ତିପୂଜକ ଅଜ୍ଞାନୀ ରହି ଦୁର୍ଲଭ ମନୁଷ୍ୟ ଜନ୍ମକୁ ବୃଥାରେ ନଷ୍ଟ କରି, ବହୁତ ମରିଯାଇଛନ୍ତି । ଆଉ ଯେଉଁ ମୂର୍ତ୍ତିପୂଜକମାନେ ବର୍ତ୍ତମାନ ଅଛନ୍ତି କିମ୍ବା ଭବିଷ୍ୟତରେ ହେବେ ସେମାନେ ମଧ୍ୟ ମନୁଷ୍ୟ ଜନ୍ମର ଲକ୍ଷ୍ୟ ଥିବା ଧର୍ମ-ଅର୍ଥ-କାମ-ମୋକ୍ଷର ପ୍ରାପ୍ତିରୂପକ ଫଳରୁ ବଞ୍ଚିତ ହୋଇ ବୃଥାରେ ନଷ୍ଟ ହୋଇଯିବେ ।

ଆପଣଙ୍କ ଅନ୍ୟ ଏକ କଥନର ଉତ୍ତର ହେଲା ଯେ **ମୂର୍ତ୍ତିପୂଜା ବ୍ରହ୍ମ ପ୍ରାପ୍ତିର ସ୍ଥୂଳ ଲକ୍ଷ୍ୟବତ୍ ନୁହେଁ, ବରଂ ଧାର୍ମିକ, ବିଦ୍ୱାନ୍ ହେବା ଓ ସୃଷ୍ଟି ବିଦ୍ୟାର ଯଥାର୍ଥ ଜ୍ଞାନ ପ୍ରାପ୍ତ କରିବା ହେଲା ବ୍ରହ୍ମପ୍ରାପ୍ତିର ସ୍ଥୂଳ ଲକ୍ଷ୍ୟ ସଦୃଶ ।** ଧାର୍ମିକ ବିଦ୍ୱାନଙ୍କ ସତ୍‌ସଙ୍ଗ ଓ ସୃଷ୍ଟିବିଦ୍ୟା ସମ୍ବନ୍ଧରେ ଚିନ୍ତନକୁ ବୃଦ୍ଧି କରି-କରି ବ୍ୟକ୍ତି ବ୍ରହ୍ମଙ୍କୁ ବି ପ୍ରାପ୍ତ କରିପାରିଥାଏ । ତା'ଛଡ଼ା ମୂର୍ତ୍ତିପୂଜା ବାଳିକାଙ୍କ କଣ୍ଢେଇ ଖେଳ ସଦୃଶ ନୁହେଁ । କଣ୍ଢେଇକୁ ବର ମାନିବା, କଣ୍ଢେଇଙ୍କ ବାହାଘର

କରିବା ଦ୍ୱାରା କୌଣସି ବାଳିକାର ବିବାହ ହୁଏ ନାହିଁ । କଣ୍ଢେଇକୁ ବର ମାନୁଥିବା ପର୍ଯ୍ୟନ୍ତ ସେହି ବାଳିକାକୁ ସ୍ୱାମୀ ମିଳିନଥାଏ, କେହି ସେହି ବାଳିକାକୁ ବାହା ହୁଅନ୍ତି ନାହିଁ । ବରଂ ଅକ୍ଷରାଭ୍ୟାସ, ସୁଶିକ୍ଷା ଆଦି ଉପଯୁକ୍ତ ଯୋଗ୍ୟତା ଦ୍ୱାରା ସ୍ୱାମୀ ପ୍ରାପ୍ତ ହୋଇଥାଏ । ସେହିପରି ଯେତେବେଳେ ମୂର୍ତ୍ତିପୂଜା ପରିତ୍ୟାଗ କରି ଯଥାର୍ଥ ଜ୍ଞାନ ପ୍ରାପ୍ତି ନିମନ୍ତେ ପୁରୁଷାର୍ଥ ଦ୍ୱାରା ଉତ୍ତମ ଶିକ୍ଷା ଓ ବିଦ୍ୟା ପ୍ରାପ୍ତି ହେବ, ସେତେବେଳେ ସଚ୍ଚା ସ୍ୱାମୀ ପରମାତ୍ମା ବି ପ୍ରାପ୍ତ ହୋଇଯିବେ ।

**ପ୍ରଶ୍ନ —** ସାକାର ବସ୍ତୁରେ ମନ ସ୍ଥିର ହୋଇଥାଏ, କିନ୍ତୁ ନିରାକାରରେ ମନ ସ୍ଥିର ହେବା କଠିନ । ଏଣୁ ମୂର୍ତ୍ତିପୂଜା ରହିବା ଆବଶ୍ୟକ ।

**ଉତ୍ତର —** ସାକାର ବସ୍ତୁରେ ମନ କଦାପି ସ୍ଥିର ହୋଇପାରେ ନାହିଁ । କାରଣ —

**ପ୍ରଥମ ଦୋଷ —** ମନ ଅତିଶୀଘ୍ର ସେ ବସ୍ତୁକୁ ଗ୍ରହଣ କରି ତା'ର ଏକ-ଏକ ଅବୟବରେ ବୁଲି ଆସେ ଓ ତା'ପରେ ଅନ୍ୟ ପଦାର୍ଥ ଆଡ଼କୁ ଧାବିତ ହୁଏ । କିନ୍ତୁ ନିରାକାର ଅନନ୍ତ ପରମାତ୍ମାଙ୍କୁ ପୂର୍ଣ୍ଣତଃ ଗ୍ରହଣ କରିବା ପାଇଁ ମନ ଯତ୍‌ପରୋନାସ୍ତି ଚେଷ୍ଟା କରି ଅତ୍ୟନ୍ତ ବେଗରେ ଦୌଡ଼େ, ତଥାପି ତାଙ୍କର ଅନ୍ତ ପାଇପାରେ ନାହିଁ । ତା' ଛଡ଼ା ଈଶ୍ୱର ନିରବୟବ ହୋଇଥିବାରୁ ମନ ଚଞ୍ଚଳ ବି ହୁଏ ନାହିଁ, ଯେ ଏ ଅଙ୍ଗକୁ ଦେଖିସାରିଲି ଅନ୍ୟକୁ ଜାଣିବି ବୋଲି, ବରଂ ତାଙ୍କରି ଗୁଣ-କର୍ମ-ସ୍ୱଭାବକୁ ବିଚାର କରି-କରି ଆନନ୍ଦରେ ମଗ୍ନ ଓ ସ୍ଥିର ହୋଇଯାଏ । ତା'ଛଡ଼ା ସାକାର ବସ୍ତୁରେ ମନ ଯଦି ସ୍ଥିର ରହୁଥାନ୍ତା, ତେବେ ଜଗତରେ ସମସ୍ତଙ୍କ ମନ ସ୍ଥିର ହୋଇ ରହୁଥାନ୍ତା । କାରଣ ଜଗତରେ ବ୍ୟକ୍ତିର ମନ ମନୁଷ୍ୟ, ସ୍ତ୍ରୀ, ସନ୍ତାନ, ଧନ, ମିତ୍ର ଆଦି ସାକାର ବସ୍ତୁରେ ସଦା ସଂଲଗ୍ନ ହୋଇ ରହିଥାଏ; କିନ୍ତୁ କାହାରି ମନ ସ୍ଥିର ନ ଥାଏ । ନିରାକାରରେ ନ ସ୍ଥିର ରହିବା ଯାଏ ମନ କେବେ ବି ସ୍ଥିର ହୁଏ ନାହିଁ । କାରଣ ନିରାକାର ପଦାର୍ଥ ନିରବୟବ ହୋଇଥିବାରୁ ସେଥିରେ ମନ ସ୍ଥିର ହୋଇଯାଏ । ଏଣୁ ମୂର୍ତ୍ତିପୂଜା କରିବା ଅଧର୍ମ ଅଟେ ।

**ଦ୍ୱିତୀୟ —** ମୂର୍ତ୍ତିପୂଜାରେ ମନ୍ଦିର ନିର୍ମାଣ କରିବାରେ କୋଟି-କୋଟି ଟଙ୍କା ବ୍ୟୟ ହୁଏ । ଏହା ଦ୍ୱାରା ଲୋକେ ଦରିଦ୍ର ହୋଇଯାନ୍ତି । ଏହାଦ୍ୱାରା ପ୍ରମାଦ ମଧ୍ୟ ହୁଏ, ଅନାବଶ୍ୟକ ପୂଜା-ଜନିତ ଆଡ଼ମ୍ବରରେ ମାତି ଲୋକେ ଈଶ୍ୱର ପ୍ରାପ୍ତିର ଯଥାର୍ଥ ସାଧନର ଅନୁଷ୍ଠାନ ପ୍ରତି ଧ୍ୟାନ ଦିଅନ୍ତି ନାହିଁ ।

**ତୃତୀୟ —** ମନ୍ଦିରରେ ମହିଳା-ପୁରୁଷ ଏକତ୍ର ମେଳ ହେଉଥିବା, ଭିଡ଼ ହେଉଥିବାରୁ ଅନାଚାର-ବ୍ୟଭିଚାର, ଝଗଡ଼ା-ଝାଟି ଓ ରୋଗାଦିର ଉତ୍ପତ୍ତି ହୋଇଥାଏ ।

**ଚତୁର୍ଥ —** ମୂର୍ତ୍ତିପୂଜକମାନେ ମୂର୍ତ୍ତିପୂଜାକୁ ହିଁ ଧର୍ମ, ଅର୍ଥ, କାମ ଓ ମୋକ୍ଷର ସାଧନ ମନେକରି ପୁରୁଷାର୍ଥରହିତ ହୋଇ ମନୁଷ୍ୟ ଜନ୍ମକୁ ବୃଥାରେ ନଷ୍ଟ କରିଦିଅନ୍ତି ।

**ପଞ୍ଚମ —** ମୂର୍ତ୍ତିଗୁଡ଼ିକ ନାନାପ୍ରକାର ପାରସ୍ପରିକ ବିରୁଦ୍ଧ ସ୍ୱରୂପ-ନାମ-ଚରିତ୍ରଯୁକ୍ତ ଥିବାରୁ ସେସବୁର ପୂଜକ-ଭକ୍ତଙ୍କ ମଧ୍ୟରେ ଐକ୍ୟମତ ନଷ୍ଟ ହୁଏ । ସମସ୍ତେ ଅଲଗା-ଅଲଗା ମତରେ ଗତିକରି, ପାରସ୍ପରିକ ବିଭେଦ-ବିରୋଧ ବୃଦ୍ଧି କରି, ଦେଶର ବିନାଶ କରନ୍ତି ।

**ଷଷ୍ଠ —** ମୂର୍ତ୍ତି ହାତରେ ଶତ୍ରୁର ପରାଜୟ ଓ ନିଜର ବିଜୟ ମାନି ମୂର୍ତ୍ତି ଉପରେ ଭରସା କରି ବସିରହନ୍ତି । ଫଳରେ ପରାଜିତ ହୋଇ ସେମାନଙ୍କ ରାଜ୍ୟ, ସ୍ୱାଧୀନତା ଓ ଧନ-ସମ୍ପଦର ସୁଖ ଆଦି ସେମାନଙ୍କ ଶତ୍ରୁର ଅଧୀନ ହୋଇଯାଏ । ନିଜେ ପରାଧୀନ ହୋଇ ଯାଯାବରର ଘୋଡ଼ା ଓ କୁମ୍ଭାରର ଗଧ ଭଳି ଶତ୍ରୁଙ୍କ ବଶ ହୋଇ ଅନେକ ପ୍ରକାର ଦୁଃଖ ପାଇଥାନ୍ତି ।

**ସପ୍ତମ —** ଯଦି କୌଣସି ବ୍ୟକ୍ତି ଅନ୍ୟ କାହାକୁ କହେ କି ମୁଁ ତୁମ ବସିବା ଆସନରେ ବା ତୁମ ନାମରେ ପଥର

ପକାଇ ଦେବି, ତେବେ ସେହି ଲୋକ କ୍ରୋଧିତ ହୋଇ ଗାଳି ଦିଏ ଓ ମାରିଗୋଡ଼ାଏ । ସେହିପରି ଯିଏ ପରମେଶ୍ୱରଙ୍କ ଉପାସନାର ସ୍ଥାନ ହୃଦୟ ଓ ତାଙ୍କ ନାମରେ ପାଷାଣାଦି ମୂର୍ତ୍ତି ସ୍ଥାପନ କରନ୍ତି, ପରମେଶ୍ୱର ସେମାନଙ୍କ ସତ୍ୟାନାଶ କାହିଁକି ନ କରିବେ ?

**ଅଷ୍ଟମ —** ମୂର୍ତ୍ତିପୂଜକମାନେ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଏ ମନ୍ଦିରରୁ ସେ ମନ୍ଦିର, ଦେଶ-ଦେଶାନ୍ତର ବୁଲି-ବୁଲି ବହୁତ ଦୁଃଖ ପାଆନ୍ତି । ଧର୍ମ, ସଂସାର ଓ ପରମାର୍ଥର କାମ ନଷ୍ଟ କରନ୍ତି । ପୁଣି ଚୋର-ଡକାଏତଙ୍କ ଦ୍ୱାରା ଲୁଣ୍ଠିତ, ଠକଙ୍କ ଦ୍ୱାରା ଠକି ହେଉଥାନ୍ତି ।

**ନବମ —** ମୂର୍ତ୍ତିପୂଜକମାନେ ଦୁଷ୍ଟ ପୂଜାରୀମାନଙ୍କୁ ବି ଧନ ଦିଅନ୍ତି । ସେମାନେ ଅନାୟାସରେ ପ୍ରାପ୍ତ ସେ ଧନକୁ ବେଶ୍ୟା ଓ ପରସ୍ତ୍ରୀଗମନ, ମଦ୍ୟ-ମାଂସ ସେବନ, କଳି-ତକରାଳରେ ବ୍ୟୟ କରନ୍ତି, ଯଦ୍ଦ୍ୱାରା ଦାତାର ସୁଖର ମୂଳ ନଷ୍ଟ ହୋଇ ତାକୁ ଦୁଃଖ ମିଳିଥାଏ ।

**ଦଶମ —** ମାତା-ପିତା ଆଦି ମାନନୀୟଙ୍କ ଅବମାନନା କରି ବା ସେମାନଙ୍କ ସେବା-ଶୁଶ୍ରୂଷା ନ କରି, ପାଷାଣାଦି ମୂର୍ତ୍ତିର ମାନ-ସମ୍ମାନ, ସେବା କରି ମୂର୍ତ୍ତିପୂଜକମାନେ କୃତଘ୍ନ ହୋଇଯାନ୍ତି ।

**ଏକାଦଶ —** ସେ ମୂର୍ତ୍ତିକୁ କେହି ଭାଙ୍ଗିଦେଲେ କିମ୍ବା ଚୋର ଚୋରି କରି ନେଇଗଲେ ମୂର୍ତ୍ତିପୂଜକମାନେ ବହୁ ବିଳାପ, ମନସ୍ତାପ କରନ୍ତି ।

**ଦ୍ୱାଦଶ —** ପୂଜାରୀ ପରସ୍ତ୍ରୀଙ୍କ ସହ ମିଳାମିଶା ଓ ପୂଜାରିଣୀ ପରପୁରୁଷଙ୍କ ସହ ମିଳାମିଶା କରିବା ଦ୍ୱାରା ପ୍ରାୟତଃ ଦୂଷିତ ହୋଇ, ଅଯଥା ଅବୁଝାମଣାର ଶିକାର ହୋଇ ପତି-ପତ୍ନୀଙ୍କ ମଧ୍ୟରେ ଥିବା ଦାମ୍ପତ୍ୟ ଆନନ୍ଦକୁ ହଜେଇ ବସନ୍ତି ।

**ତ୍ରୟୋଦଶ —** ମନ୍ଦିରମାନଙ୍କରେ ସ୍ୱାମୀ-ସେବକ (ପରିଚାଳକ-ସେବକ) ମଧ୍ୟରେ ଆଜ୍ଞାପାଳନ ଯଥାଯଥ ନ ହେବାରୁ, ବହୁଧା ପରସ୍ପର ମଧ୍ୟରେ ବିରୋଧ ଘଟିଥାଏ । ଫଳତଃ ଉଭୟେ ନଷ୍ଟ-ଭ୍ରଷ୍ଟ ହୋଇଯାନ୍ତି ।

**ଚତୁର୍ଦ୍ଦଶ — ଜଡ଼ର ଉପାସକର ଆତ୍ମା ବି ଜଡ଼ବୁଦ୍ଧି ହୋଇଯାଏ, କାରଣ ଉପାସ୍ୟ ଜଡ଼ ପଦାର୍ଥର ଜଡ଼ତ୍ୱ ଧର୍ମ ଅନ୍ତଃକରଣ ଦ୍ୱାରା ଆତ୍ମାକୁ ସଂକ୍ରମିତ ହୋଇଥାଏ ।**

**ପଞ୍ଚଦଶ —** ପରମେଶ୍ୱର ସୁଗନ୍ଧିଯୁକ୍ତ ପୁଷ୍ପାଦି ପଦାର୍ଥ ବାତାବରଣର ସୁଗନ୍ଧି, ବାୟୁ-ଜଳର ଦୁର୍ଗନ୍ଧି ନିବାରଣ ଓ ନୀରୋଗତା ନିମିତ୍ତ ତିଆରି କରିଛନ୍ତି । କିନ୍ତୁ ପୂଜାରୀମାନେ ସେସବୁକୁ ତୋଳିତାଳି ନଷ୍ଟ କରିଦିଅନ୍ତି । ସେ ଫୁଲଗୁଡ଼ିକ ଗଛରେ ଥିଲେ କିଏ ଜାଣେ କେତେ ଦିନ ଧରି ସେସବୁର ସୁଗନ୍ଧ ଚତୁର୍ଦ୍ଦିଗରେ ବ୍ୟାପକ ହୋଇ ବାୟୁ-ଜଳର ଶୁଦ୍ଧି କରୁଥାଆନ୍ତେ, ପୂର୍ଣ୍ଣତଃ ସୁଗନ୍ଧ ହେବା ପର୍ଯ୍ୟନ୍ତ ସେସବୁର ସୁଗନ୍ଧର ଉପଯୋଗ ହୋଇଥାନ୍ତା । ପୂଜାରୀମାନେ ଅଧିକ ଦିନ ଗଛରେ ରହିବାକୁ ନ ଦେଇ ସେସବୁର ବିନାଶ ଅସମୟରେ ହିଁ କରିଦିଅନ୍ତି । ଯେଉଁ ଫୁଲ ଇତ୍ୟାଦି ଗଛରେ ଥାଇ ବାୟୁକୁ ଶୁଦ୍ଧ କରିଥାନ୍ତା ତାହା ମୂର୍ତ୍ତିପୂଜାରେ ବ୍ୟବହୃତ ହେବାରୁ ଜଳ ଓ ଅନ୍ୟାନ୍ୟ ପୂଜାଦ୍ରବ୍ୟ ସହ ମିଶି, ପାଦୁକା କୁଣ୍ଡରେ ପଡ଼ି ସଡ଼ିଯାଇ ଓଲଟା ଦୁର୍ଗନ୍ଧ ସୃଷ୍ଟି କରେ । କ'ଣ ପଥର ଉପରେ ଚଢ଼ାଇବା ପାଇଁ ପରମାତ୍ମା ପୁଷ୍ପାଦି ସୁଗନ୍ଧିତ ପଦାର୍ଥ ତିଆରି କରିଛନ୍ତି ? ତେଣୁ ମୂର୍ତ୍ତିପୂଜା କରିବା ପାପ ।

**ଷୋଡ଼ଶ —** କାଷ୍ଠ, ପାଷାଣାଦିର ମୂର୍ତ୍ତି ଉପରେ ଚଢ଼ାଯାଇଥିବା ଫୁଲ, ପତ୍ର, ଚନ୍ଦନ ଓ ଅକ୍ଷତ ଆଦି ଜଳ ଓ ମୃତ୍ତିକା ସହ ସଂଯୋଗ ହେବାରୁ ପାଦୁକା କୁଣ୍ଡରେ ପଡ଼ି ସଡ଼ିଯାଇ ତଦ୍ଦ୍ୱାରା ଏତେ ଦୁର୍ଗନ୍ଧ ଚତୁର୍ଦ୍ଦିଗରେ ବ୍ୟାପିଯାଏ

ଯେମିତିକି କି ମନୁଷ୍ୟର ମଳର ଦୁର୍ଗନ୍ଧ । ତା' ସାଙ୍ଗକୁ ଅସଂଖ୍ୟ ପୋକ-ଯୋକ ସେଠାରେ ଉତ୍ପନ୍ନ ହୋଇ ରୋଗ ସୃଷ୍ଟି କରନ୍ତି, ହଜାର-ହଜାର କ୍ଷୁଦ୍ର ଜୀବ ତହିଁରେ ପଡ଼ନ୍ତି, ମରନ୍ତି, ସଢ଼ନ୍ତି ଏବଂ ଦୁର୍ଗନ୍ଧ ଓ ରୋଗ ବ୍ୟାପିବାରେ କାରଣ ହୋଇଥାନ୍ତି ।

ଇତ୍ୟାଦି ପାପର ମୂଳକାରଣ ହେଲା ପାଷାଣାଦି ମୂର୍ତ୍ତିପୂଜା । ମୂର୍ତ୍ତିପୂଜା କରିବା ଦ୍ୱାରା ଏଭଳି ଅନେକ ଦୋଷ ଉତ୍ପନ୍ନ ହୁଏ । ଏଣୁ ପାଷାଣାଦି ମୂର୍ତ୍ତିପୂଜା ସମସ୍ତଙ୍କ ପକ୍ଷେ ସର୍ବଥା ତ୍ୟାଜ୍ୟ । ଆଉ ଯେଉଁମାନେ କାଠ-ପଥରର ମୂର୍ତ୍ତିପୂଜା କରିଛନ୍ତି, କରୁଛନ୍ତି କିମ୍ବା କରିବେ ସେମାନେ ଉପରୋକ୍ତ ଦୋଷରେ ଦୋଷୀ ହେବାରୁ ରକ୍ଷା ପାଇନାହାନ୍ତି, ପାଉନାହାନ୍ତି କି ପାଇପାରିବେ ନାହିଁ ।

**ପ୍ରଶ୍ନ —** କୌଣସି ପ୍ରକାର ମୂର୍ତ୍ତିପୂଜା କାରିବା ଉଚିତ ନା ନାହିଁ ? ଆଉ ଆମ ଆର୍ଯ୍ୟାବର୍ତ୍ତରେ **'ପଞ୍ଚଦେବପୂଜା'**ର ଯେଉଁ ପ୍ରାଚୀନ ପରମ୍ପରା ଚଳିଆସିଛି, ତା'ର ଅର୍ଥ ପୁଣି କ'ଣ ? **'ପଞ୍ଚାୟତନପୂଜା'**ର ଅର୍ଥ ଶିବ, ବିଷ୍ଣୁ, ଅମ୍ବିକା, ଗଣେଶ ଓ ସୂର୍ଯ୍ୟଙ୍କ ମୂର୍ତ୍ତି ତିଆରି କରି ପୂଜା କରାଯାଏ - ଏହା ହିଁ ତ ପଞ୍ଚାୟତନ ପୂଜା ନା ନାହିଁ ?

**ଉତ୍ତର — କୌଣସି ବି ପ୍ରକାର ମୂର୍ତ୍ତିପୂଜା ନ କରିବା ଉଚିତ । କିନ୍ତୁ ଯେଉଁ 'ମୂର୍ତ୍ତିମାନ୍'ଙ୍କ କଥା ତଳେ କୁହାଯିବ, ସେମାନଙ୍କ 'ପୂଜା' ଅର୍ଥାତ୍ ସତ୍କାର କରିବା ଆବଶ୍ୟକ ।** ପ୍ରାଚୀନ ସମୟରେ **'ପଞ୍ଚଦେବପୂଜା'** ବା **'ପଞ୍ଚାୟତନପୂଜା'**ର ସୁନ୍ଦର ଅର୍ଥ ପ୍ରଚଳିତ ଥିଲା; କିନ୍ତୁ ଜ୍ଞାନହୀନ ମୂଢ଼ମାନେ ସେହି ସତ୍ୟ, ଉତ୍ତମ ଅର୍ଥକୁ ପରିତ୍ୟାଗ କରି, ଅସତ୍ୟ ଓ ନିକୃଷ୍ଟ ଅର୍ଥକୁ ଆବୋରି ନେଇଛନ୍ତି । ଆଜିକାଲି ପଞ୍ଚଦେବପୂଜା ନାମରେ ଶିବ ଆଦିଙ୍କ ଯେଉଁ ପାଞ୍ଚୋଟି ମୂର୍ତ୍ତି ତିଆରି କରି ପୂଜା କରୁଛନ୍ତି, ସେହି ମୂର୍ତ୍ତିପୂଜାର ଖଣ୍ଡନ ତ ପୂର୍ବରୁ କରାଯାଇଛି । କିନ୍ତୁ ଯାହା ବେଦୋକ୍ତ ବାସ୍ତବିକ 'ପଞ୍ଚାୟତନପୂଜା' ଏବଂ ବେଦାନୁକୂଳ ଦେବପୂଜା ଓ ମୂର୍ତ୍ତିପୂଜା, ତାହା ହେଲା —

**ମା ନୋ ବଧୀଃ ପିତରଂ ମୋତ ମାତରମ୍ ॥ ୧ ॥** (ଯଜୁଃ. ୧୬:୧୫)

**ଆଚାର୍ଯ୍ୟ ଉପନୟମାନୋ ବ୍ରହ୍ମଚାରିଣଂ କୃଣୁତେ ॥ ୨ ॥** (ଅଥର୍ବ. ୧୧:୫:୩)

**ଅତିଥିର୍ଗୃହାନାଗଚ୍ଛେତ୍ ॥ ୩ ॥** (ଅଥର୍ବ. ୧୫:୧୨:୧)

**ଅର୍ଚ୍ଚତ ପ୍ରାର୍ଚ୍ଚତ ପ୍ରିୟମେଧାସୋ ଅର୍ଚ୍ଚତ ॥ ୪ ॥** (ଋକ୍. ୮:୬୯:୮)

**ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ॥ ୫ ॥** (ତୈତ୍ତିରୀୟ. ୧:୧)

**କତମ ଏକୋ ଦେବ ଇତି ସ ବ୍ରହ୍ମ ତ୍ୟଦିତ୍ୟାଚକ୍ଷତେ ॥ ୬ ॥** (ଶତପଥ. ୧୪:୫:୭:୧୦)

**ମାତୃଦେବୋ ଭବ । ପିତୃଦେବୋ ଭବ । ଆଚାର୍ଯ୍ୟଦେବୋ ଭବ । ଅତିଥିଦେବୋ ଭବ ॥ ୭ ॥**
(ତୈତ୍ତିରୀୟ. ୧:୧୧)

**ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦେବରୈସ୍ତଥା ।**
**ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁକଲ୍ୟାଣମୀପ୍ସୁଭିଃ ॥ ୮ ॥** (ମନୁ. ୩:୫୫)

**ପୂଜ୍ୟୋ ଦେବବତ୍ ପତିଃ ॥ ୯ ॥** (ମନୁ. ୫:୧୫୪)

**'ମାତା'** ପ୍ରଥମ ମୂର୍ତ୍ତିମତୀ ପୂଜନୀୟ ଦେବତା । ସନ୍ତାନମାନେ ତନୁ-ମନ-ଧନରେ ସେବା କରି ମାଆଙ୍କୁ ପ୍ରସନ୍ନ ରଖିବେ, ହିଂସା ଅର୍ଥାତ୍ ତାଡ଼ନା କେବେ ବି କରିବେ ନାହିଁ । **'ପିତା'** ଦ୍ୱିତୀୟ ସତ୍କାର କରଣୀୟ ଦେବତା । ମାତାଙ୍କ ପରି ପିତାଙ୍କର ମଧ୍ୟ ସେବା-ଶୁଶ୍ରୂଷା କରିବା ଉଚିତ ॥ ୧ ॥

ତୃତୀୟ ଦେବତା ହେଲେ **'ଆଚାର୍ଯ୍ୟ'**, ଯିଏକି ବିଦ୍ୟା ପ୍ରଦାନ କରନ୍ତି । ତାଙ୍କର ମଧ୍ୟ ତନୁ-ମନ-ଧନରେ ସେବା କରିବା ଉଚିତ ॥ ୨ ॥

ଚତୁର୍ଥ ଦେବତା ହେଲେ **'ଅତିଥି'**; ଯିଏ କି ବିଦ୍ୱାନ୍, ଧାର୍ମିକ, ନିଷ୍କପଟ, ସର୍ବ ଉନ୍ନତିକାମୀ ହୋଇଥିବେ ଏବଂ ଜଗତରେ ଭ୍ରମଣ କରି, ସତ୍ୟୋପଦେଶ ପ୍ରଦାନ ପୂର୍ବକ ସମସ୍ତଙ୍କୁ ସୁଖୀ କରୁଥିବେ । ତାଙ୍କର ସେବା-ସତ୍କାର କରିବା ବିଧେୟ ॥ ୩ ॥

ପଞ୍ଚମରେ ପତ୍ନୀ ପାଇଁ ସ୍ୱ-ପତି ପୂଜନୀୟ ଓ ପତି ପକ୍ଷେ ସ୍ୱ-ପତ୍ନୀ ପୂଜନୀୟା ଅଟନ୍ତି ।

**ଏହି ପାଞ୍ଚ ଜଣ ହେଲେ ମୂର୍ତ୍ତିମାନ୍ ଦେବତା । ଏମାନଙ୍କ ଦ୍ୱାରା ମନୁଷ୍ୟ ଦେହର ଉତ୍ପତ୍ତି, ପାଳନ, ସତ୍‌ଶିକ୍ଷା, ବିଦ୍ୟା ଓ ସତ୍ୟୋପଦେଶ ପ୍ରାପ୍ତ ହୋଇଥାଏ । ଏମାନେ ହିଁ ପରମେଶ୍ୱରଙ୍କୁ ପ୍ରାପ୍ତ କରିବାର ସୋପାନ । ଏମାନଙ୍କୁ ସେବା-ସତ୍କାର ନ କରି ଯେଉଁମାନେ କାଠ-ପଥର ଆଦିର ମୂର୍ତ୍ତିକୁ ପୂଜା କରନ୍ତି, ସେମାନେ ଅତୀବ ପାମର, ନରକଗାମୀ ଅଟନ୍ତି ।**

**ପ୍ରଶ୍ନ —** ଜଣେ ମାତା-ପିତା ଆଦିଙ୍କ ସେବା ବି କରିବ ଏବଂ ମୂର୍ତ୍ତିପୂଜା ବି କରିବ, ତେବେ ତ ଆଉ କୌଣସି ଦୋଷ ନାହିଁ ?

**ଉତ୍ତର —** ପାଷାଣାଦି ମୂର୍ତ୍ତିପୂଜା ତ ସର୍ବଥା ତ୍ୟାଗ କରିବା ଏବଂ ମାତାଦି ମୂର୍ତ୍ତିମାନ୍ ଦେବତାଙ୍କ ସେବା କରିବା ଦ୍ୱାରା ହିଁ କଲ୍ୟାଣ ସାଧିତ ହୁଏ । ଏହା ତ ବଡ଼ ଅନର୍ଥର ବିଷୟ ଯେ ପିତାମାତାଦି ପ୍ରତ୍ୟକ୍ଷ ସୁଖଦାୟକ ଦେବତାଙ୍କୁ ଛାଡ଼ି ଅଦେବ ପାଷାଣାଦି ସମ୍ମୁଖରେ ମୁଣ୍ଡ ପିଟିବାକୁ ଲୋକେ ଆଦରି ନେଇଛନ୍ତି । ମୂଢ଼ ଲୋକେ ଏଇଥିପାଇଁ ଏହି କାର୍ଯ୍ୟକୁ ଗ୍ରହଣ କରିନେଇଛନ୍ତି ଯେ ଯଦି ମାତା-ପିତାଦିଙ୍କ ଆଗରେ ନୈବେଦ୍ୟ ବା ଭେଟି ଆଦି ଦିଆଯାଏ ତେବେ ସେମାନେ ସ୍ୱୟଂ ଖାଇ ନେବେ ଓ ଭେଟି-ଉପହାର ନେଇଯିବେ, ଫଳରେ ଆମ ମୁହଁରେ କି ହାତରେ ଆଉ କିଛି ପଡ଼ିବ ନାହିଁ । ଏଣୁ ପାଷାଣାଦିର ମୂର୍ତ୍ତି ତିଆରି କରି, ତା' ଆଗରେ ନୈବେଦ୍ୟ ରଖି, ଟଣ୍-ଟଣ୍ କରି ଘଣ୍ଟି ବଜାଇ, ପୁଁ-ପୁଁ କରି ଶଙ୍ଖ ଫୁଙ୍କି ଆଙ୍ଗୁଠି ଦେଖାନ୍ତି, ଯା'ର ଅର୍ଥ **'ତ୍ୱମଙ୍ଗୁଷ୍ଠଂ ଗୃହାଣ, ଭୋଜନଂ ପଦାର୍ଥଂ ବାଽହଂ ଗ୍ରହୀଷ୍ୟାମି'** । ଯେମିତିକି କେହି କାହାକୁ କୌଣସି ପଦାର୍ଥ ଦେବା ଲାଗି ଛଳ କରେ ବା ଚିଡ଼ାଏ ଯେ ତୁମେ ଅମୁକ ପଦାର୍ଥ ନିଅ, ଏଣେ ନେବା ପାଇଁ ହାତ ବଢ଼ାଇଲେ ଆଙ୍ଗୁଠି ଦେଖାଇ ଦିଏ, ତା' ଆଗରୁ ସବୁ ଜିନିଷ ନେଇ ନିଜେ ଭୋଗ କରେ, ସେମିତି ହିଁ ଲୀଳା ଯଥାର୍ଥତଃ ଏ 'ପୂଜାରୀ' ଅର୍ଥାତ୍ ପୂଜା ବା ସତ୍କର୍ମର ଶତ୍ରୁଙ୍କର ଅଟେ । ଏମାନେ ମୂଢ଼ଲୋକଙ୍କୁ ଚଟକ-ମଟକ, ଚଲକ-ଝଲକ ଦେଖାଇ, ମୂର୍ତ୍ତିଗୁଡ଼ିକୁ ଆକର୍ଷଣୀୟ ଭାବେ ସଜାସଜି କରି, ନିଜେ ବିଭିନ୍ନ ଛାପରେ ସୁସଜ୍ଜିତ ହୋଇ ବିଚରା ବୁଦ୍ଧିହୀନ, ଅସହାୟଙ୍କ ମାଲ୍ ହଡ଼ପ କରି ମଉଜ କରନ୍ତି । **ଯଦି କୌଣସି ଧାର୍ମିକ ରାଜା ଥାଆନ୍ତେ, ତେବେ ଏହି ପାଷାଣପ୍ରିୟ ଲୋକଙ୍କୁ ପଥର ଫଟେଇବା, ପଥର ବୁହାଇବା ଓ ଘର ତିଆରି କରିବା ଆଦି କାମରେ ଲଗାଇ ଖାଦ୍ୟ-ପେୟ ଦେଇଥାନ୍ତେ, ଜୀବିକାର୍ଜନର ବ୍ୟବସ୍ଥା କରିଥାନ୍ତେ ।**

**ପ୍ରଶ୍ନ —** ସ୍ତ୍ରୀ ଆଦିଙ୍କ ପାଷାଣାଦି ମୂର୍ତ୍ତି ଦେଖିଲେ ଯେପରି ମନରେ କାମବାସନାର ଉତ୍ପତ୍ତି ହୁଏ, ସେହିପରି ବୀତରାଗ ଶାନ୍ତ ବ୍ୟକ୍ତିଙ୍କ ମୂର୍ତ୍ତି ଦେଖିଲେ ବୈରାଗ୍ୟ ଓ ଶାନ୍ତି ପ୍ରାପ୍ତି କାହିଁକି ନ ହେବ ?

**ଉତ୍ତର —** ନା, ହୋଇପାରିବ ନାହିଁ । **କାରଣ ଜଡ଼ ମୂର୍ତ୍ତିର ଜଡ଼ତ୍ୱ ଧର୍ମ ଆତ୍ମାକୁ ସଂକ୍ରମିତ ହେବା ଦ୍ୱାରା ବିଚାର ଶକ୍ତି ଲୋପପାଇଚାଲେ । ବିନା ବିବେକରେ ବୈରାଗ୍ୟ ଜନ୍ମେ ନାହିଁ, ବୈରାଗ୍ୟ ବିନା ବିଜ୍ଞାନ ଲାଭ**

**ହୁଏ ନାହିଁ ଏବଂ ବିଜ୍ଞାନ ବିନା ଶାନ୍ତି ପ୍ରାପ୍ତ ହୁଏ ନୁହେଁ ।** ଆଉ ଯାହା କିଛି ବୈରାଗ୍ୟାଦି ହୁଏ ତାହା ସେହି ବ୍ୟକ୍ତିମାନଙ୍କ ସଙ୍ଗ, ଉପଦେଶ ଓ ସେମାନଙ୍କ ଇତିହାସାଦି ଜାଣିବା ଦ୍ୱାରା ହୁଏ । କାରଣ ଯାହାର ଗୁଣ-ଦୋଷ ଜଣାନଥାଏ, କେବଳ ତାହାର ମୂର୍ତ୍ତି ଦେଖିଲେ ତା'ଠାରେ କଦାପି ପ୍ରୀତି ଜାତ ହୁଏ ନାହିଁ । ପ୍ରୀତି ଜନ୍ମିବାର କାରଣ ହେଲା ଗୁଣ ବିଷୟକ ଜ୍ଞାନ । ଏପରି ମୂର୍ତ୍ତିପୂଜା ଆଦି ଖରାପ କାରଣ ଯୋଗୁଁ ହିଁ ଆର୍ଯ୍ୟାବର୍ତ୍ତରେ ଅକର୍ମା **'ପୂଜାରୀ'**, ଭିକ୍ଷୁକ, ଅଳସୁଆ, ପୁରୁଷାର୍ଥହୀନ ଲୋକ କୋଟି-କୋଟି ସଂଖ୍ୟାରେ ସୃଷ୍ଟି ହୋଇଛନ୍ତି । ସେମାନେ ସ୍ୱୟଂ ମୂଢ଼ ହୋଇଥିବାରୁ ସାରା ସଂସାରରେ ମୂଢ଼ତା ସେମାନେ ପ୍ରସାର କରିଛନ୍ତି । ବହୁତ ପ୍ରକାର ମିଥ୍ୟା, ଛଳ-କପଟ ବି ଏମାନେ ପ୍ରଚଳନ କରିଛନ୍ତି ।

**ପ୍ରଶ୍ନ —** ଦେଖ ! କାଶୀରେ **'ଲାଟ୍‌ଭୈରବ'** ଆଦି **'ଆଉରଙ୍ଗଜେବ୍‌'** ବାଦଶାହଙ୍କୁ ବଡ଼ ଚମତ୍କାର ଦେଖାଇଥିଲେ । ଯେତେବେଳେ ମୁସଲମାନ ସୈନ୍ୟମାନେ ତାଙ୍କୁ ଭାଙ୍ଗିବା ପାଇଁ ଗଲେ, ତାଙ୍କ ଉପରକୁ ତୋପରୁ ଗୋଳା ଆଦି ବର୍ଷଣ କଲେ, ସେତେବେଳେ ମନ୍ଦିର ଭିତରୁ ବଡ଼-ବଡ଼ ବିରୁଡ଼ି ବାହାରି ସଂପୂର୍ଣ୍ଣ ସେନାବାହିନୀକୁ ଅସ୍ତବ୍ୟସ୍ତ କରି ଘଉଡ଼ାଇ ଦେଲେ ।

**ଉତ୍ତର —** ଏହା କଦାପି ପାଷାଣ ମୂର୍ତ୍ତିର ଚମତ୍କାରିତା ନୁହେଁ । ସମ୍ଭବତଃ ମନ୍ଦିରରେ ବିରୁଡ଼ି ବସା ଥିଲା । ବିରୁଡ଼ିଙ୍କ ସ୍ୱଭାବ ହିଁ ହେଲା ଯେ ଯେତେବେଳେ ସେମାନଙ୍କୁ କେହି ହଇରାଣ-ହରକତ କରେ, ବାଧାଦିଏ, ସେମାନେ ତାକୁ ଦଂଶନ କରିବାକୁ ପଛରେ ପଡ଼ିଯାନ୍ତି । ସୈନିକମାନେ ମୂର୍ତ୍ତି ଭାଙ୍ଗିବାକୁ ଚେଷ୍ଟା କରିବାରୁ ବିରୁଡ଼ିଙ୍କ ବସବାସରେ ବାଧା ପହଞ୍ଚିଲା । ତେଣୁ ସେମାନେ ଦଂଶନ କରି ଅସ୍ତବ୍ୟସ୍ତ କରିଦେଲେ । ଆଉ ସେଠାରେ ଯେଉଁ ଦୁଧର ଧାର ବହିବାର ଚମତ୍କାର ଥିଲା, ତାହା ପୂଜାରୀମାନଙ୍କ କାରସାଦି ବ୍ୟତୀତ ଅନ୍ୟ କିଛି ନୁହେଁ ।

**ପ୍ରଶ୍ନ —** ଦେଖ ! ମ୍ଳେଚ୍ଛମାନଙ୍କୁ ଦର୍ଶନ ନ ଦେବା ପାଇଁ **'ମହାଦେବ'** କୂଅ ଭିତରେ ଓ **'ବେଣୀମାଧବ'** ଜଣେ ବ୍ରାହ୍ମଣ ଘରେ ଲୁଚିଗଲେ । କ'ଣ ଏହା ବି ଭଗବାନଙ୍କ ମହିମା ନୁହେଁ ?

**ଉତ୍ତର —** ଆଚ୍ଛା, ଯାହାଙ୍କ ଦୁର୍ଗରକ୍ଷକ ହେଲେ **କାଳଭୈରବ, ଲାଟଭୈରବ** ଆଦି ଭୂତ-ପ୍ରେତ ଏବଂ ଗରୁଡ଼ ଆଦି ଗଣ, ସେମାନେ ମୁସଲମାନ ସୈନ୍ୟଙ୍କ ସହ ଯୁଦ୍ଧ କରି ସେମାନଙ୍କୁ କାହିଁକି ତଡ଼ିଦେଲେ ନାହିଁ ? ଶିବ ଓ ବିଷ୍ଣୁଙ୍କ ବିଷୟରେ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ **ତ୍ରିପୁରାସୁର** ଆଦି ଅନେକ ବଡ଼-ବଡ଼ ଭୟଙ୍କର ରାକ୍ଷସଙ୍କୁ ଏମାନେ ଭସ୍ମ କରିଦେଲେ, ତେବେ ମୁସଲମାନମାନଙ୍କୁ ଭସ୍ମ କଲେ ନାହିଁ କାହିଁକି ? ଏଥିରୁ ଏହା ପ୍ରମାଣିତ ହେଉଛି ଯେ ବିଚରା ଏ ପାଷାଣ ମୂର୍ତ୍ତିଗୁଡ଼ିକ କେମିତି ଯୁଦ୍ଧ କରିଥାନ୍ତେ-କରାଇଥାନ୍ତେ ? ଯେତେବେଳେ ମୁସଲମାନମାନେ ମନ୍ଦିର ଓ ମୂର୍ତ୍ତିଗୁଡ଼ିକୁ ଭଙ୍ଗା-ରୁଜା କରି-କରି କାଶୀର ନିକଟବର୍ତ୍ତୀ ହେଲେ, ସେତେବେଳେ ପୂଜାରୀମାନେ ସେହି ପଥରର ଶିବଲିଙ୍ଗକୁ କୂଅ ଭିତରେ ପକାଇଦେଲେ ଏବଂ ବେଣୀମାଧବଙ୍କୁ ବ୍ରାହ୍ମଣ ଘରେ ଲୁଚାଇ ଦେଲେ । ଯଦି କାଳଭୈରବଙ୍କ ଭୟରେ ଯମଦୂତମାନେ କାଶୀରେ ପ୍ରବେଶ କରନ୍ତି ନାହିଁ, ପ୍ରଳୟ ସମୟରେ ମଧ ସେ କାଶୀକୁ ଧ୍ୱଂସ ହେବାକୁ ଦିଅନ୍ତି ନାହିଁ, ତେବେ ସେ ମ୍ଳେଚ୍ଛମାନଙ୍କ ଦୂତକୁ କାହିଁକି ଡରାଇ ଘଉଡ଼ାଇଦେଲେ ନାହିଁ ? ପୁଣି ନିଜ ରାଜାଙ୍କ ମନ୍ଦିରକୁ ବିନାଶ ହେବାକୁ ଦେଲେ କାହିଁକି ? ବାସ୍ତବରେ ଏସବୁ ହେଲା ପୋପ୍‌ଲୀଳା ।

**ପ୍ରଶ୍ନ —** ଗୟାରେ ପିଣ୍ଡ ଦେଲେ ସେହି ଶ୍ରାଦ୍ଧର ପୁଣ୍ୟ ପ୍ରଭାବରେ ପିତୃଲୋକେ ପାପରୁ ମୁକ୍ତ ହୋଇ ସ୍ୱର୍ଗକୁ ଯାଆନ୍ତି । ପୁଣି ଶ୍ରାଦ୍ଧ ସମୟରେ ପିତୃଗଣ ନିଜ ହସ୍ତ ପ୍ରସାରଣ କରି ପିଣ୍ଡ ଗ୍ରହଣ କରନ୍ତି । କ'ଣ ଏ କଥା ମଧ ମିଛ ?

**ଅବଶିଷ୍ଟାଂଶ ପୃଷ୍ଠା-୯ରେ...**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୦୧ | ୩୦୯ | ୮୧୦ | ୧୭. | ବୌଦ୍ଧ | ୨୨ | ୩୬ | ୫୮ |
| ୦୨. | ଖୋର୍ଦ୍ଧା | ୩୧୫ | ୧୦୨ | ୪୧୭ | ୧୮. | ଭଦ୍ରକ | ୨୨ | ୦୨ | ୨୪ |
| ୦୩. | କଟକ | ୨୭୬ | ୧୫୬ | ୪୩୨ | ୧୯. | ଜଗତସିଂହପୁର | ୨୨ | ୧୦ | ୩୨ |
| ୦୪. | ସୁନ୍ଦରଗଡ଼ | ୨୩୧ | ୨୫୨ | ୪୮୩ | ୨୦. | ନୟାଗଡ଼ | ୨୧ | ୧୭ | ୩୮ |
| ୦୫. | ବରଗଡ଼ | ୨୦୫ | ୨୦୮ | ୪୧୩ | ୨୧. | ଝାରସୁଗୁଡ଼ା | ୧୮ | ୦୨ | ୨୦ |
| ୦୬. | କୋରାପୁଟ | ୮୯ | ୨୮ | ୧୧୭ | ୨୨. | କଳାହାଣ୍ଡି | ୧୫ | ୦୨ | ୧୭ |
| ୦୭. | ବଲାଙ୍ଗିର | ୮୭ | ୭୪ | ୧୬୧ | ୨୩. | କେନ୍ଦୁଝର | ୧୫ | ୦୧ | ୧୬ |
| ୦୮. | ସୁବର୍ଣ୍ଣପୁର | ୭୦ | ୮୮ | ୧୫୮ | ୨୪. | ଢେଙ୍କାନାଳ | ୧୩ | ୩୫ | ୪୮ |
| ୦୯. | ରାୟଗଡ଼ା | ୫୭ | ୩୩ | ୯୦ | ୨୫. | ଗଜପତି | ୦୯ | ୦୭ | ୧୬ |
| ୧୦. | ସମ୍ବଲପୁର | ୫୪ | ୭୦ | ୧୨୪ | ୨୬. | ଯାଜପୁର | ୦୮ | ୦୨ | ୧୦ |
| ୧୧. | ଅନୁଗୁଳ | ୫୪ | ୩୦ | ୮୪ | ୨୭. | କେନ୍ଦ୍ରାପଡ଼ା | ୦୭ | ୦୮ | ୧୫ |
| ୧୨. | ମୟୂରଭଞ୍ଜ | ୪୯ | ୩୪ | ୮୩ | ୨୮. | ଦେବଗଡ଼ | ୦୫ | ୦୧ | ୦୬ |
| ୧୩. | ବାଲେଶ୍ୱର | ୪୨ | ୦୬ | ୪୮ | ୨୯. | ନୂଆପଡ଼ା | ୦୨ | ୦୫ | ୦୭ |
| ୧୪. | କନ୍ଧମାଳ | ୪୧ | ୧୦୪ | ୧୪୫ | ୩୦. | ନବରଙ୍ଗପୁର | ୦୧ | ୦୨ | ୦୩ |
| ୧୫. | ପୁରୀ | ୩୯ | ୦୧ | ୪୦ | ୩୧. | ଅନ୍ୟାନ୍ୟ | ୫୭ | ୧୨ | ୬୯ |
| ୧୬. | ମାଲକାନଗିରି | ୩୨ | ୮୩ | ୧୧୫ | | **ମୋଟ** | **୨୩୭୯** | **୧୭୨୦** | **୪୦୯୯** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁନ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୦୮ | ୩୫ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୩ | ୦୬ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୬୭ | ୧୫ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୫୯ | ୩୮ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୫୬ | ୩୪ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୬ | ୭୬ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୩୬ | ୧୭ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୬ | ୨୦ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୩ | ୦୩ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୨ | ୯୯ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୩୨ | ୬୬ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୨ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୦୯ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୯ | ୦୮ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୪ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୨ | ୬୭ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୩୧ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୭ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୦ | ୦୧ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୧୫ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୭ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୧୦ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୦୪ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୫ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୨୦ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୦ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୪ | ୦୪ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୪ | ୦୧ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୩ | ୨୮ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୩ | ୦୫ |
| ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ବେଦ ପ୍ରଚାର ସମିତି, କଟକ | | ୧୨ | ୦୨ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୬ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୫ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୩ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୨ | ୦୦ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୧ | ୫୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୪୩ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୧ | ୩୬ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୧ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୦ | ୧୫ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୦ | ୧୦ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୦ | ୦୮ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୬ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୪ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୦ | ୦୩ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |

| | | | |
|---|---|---|---|
| ଆର୍ଯ୍ୟସମାଜ, ସିମିଲିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୯ | ୨୮ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୮ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୨୭ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୮ | ୧୪ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୮ | ୦୬ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୮ | ୦୫ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୮ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୮ | ୦୧ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୧ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୨୧ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୨ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୭ | ୧୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୭ | ୦୬ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୪୪ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୬ | ୨୫ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୬ | ୧୮ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୧୬ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୬ | ୧୩ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୧୦ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୬ | ୦୬ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୦୪ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୦୪ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୬ | ୦୫ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୬ | ୦୩ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୬ | ୦୧ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୫ | ୧୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୧ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୫ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |

(କ୍ରମଶଃ...)





ଗଣ୍ଡକୀପୁର (କୁଜଙ୍ଗ)ରେ ବେଦ ପ୍ରବଚନ






ବିରୁଡ଼ା (ନୟାଗଡ଼)ରେ ବେଦ ପ୍ରବଚନ







ବ୍ରହ୍ମପୁରର ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗ



ଅପର୍ଣ୍ଣା ନଗରରେ ସ୍ୱାମୀଜୀଙ୍କ ପ୍ରବଚନ



ନୀଳକଣ୍ଠ ନଗରରେ ସ୍ୱାମୀଜୀଙ୍କ ପ୍ରବଚନ





ବେଦ ପ୍ରଚାର ସମିତି, କଟକ ପକ୍ଷରୁ ଅପର୍ଣ୍ଣା ନଗରରେ ବେଦ ପ୍ରବଚନ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 3 Issue 4 May-June 2018



ବିରୁଡ଼ା କାର୍ଯ୍ୟକ୍ରମର କର୍ମକର୍ତ୍ତାଗଣଙ୍କ ସହ ସ୍ୱାମୀଜୀ



ରାଜେନ୍ଦ୍ର ନଗରରେ ସ୍ୱାମୀଜୀଙ୍କ ବେଦ ପ୍ରବଚନ





ବେଦ ପ୍ରଚାର ସମିତି, କଟକ ପକ୍ଷରୁ ରାଜେନ୍ଦ୍ର ନଗରରେ ବେଦ ପ୍ରବଚନ





ରାଜେନ୍ଦ୍ର ନଗର ପ୍ରବଚନରେ ଉପସ୍ଥିତ ଶ୍ରୋତୃବୃନ୍ଦ

# Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**